# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
# ଖୁବ୍‌ଶୀଘ୍ର ବଣାଇଗଡ଼ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଇଲିସିସ୍ ସୁବିଧା

ରାଉରକେଲା, ୪।୧(ସମିସ)



ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଉପଖଣ୍ଡ ଡାକ୍ତରଖାନାରେ ହେମୋଡାଇଲିସିସ୍ ସୁବିଧା ଖୁବ୍ ଶୀଘ୍ର ମିଳିବାକୁ ଯାଉଛି। କିଛି ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବାର ଯୋଜନା ରହିଛି। ବୃକକ୍ ଜନିତ ସମସ୍ୟାଦେଇ ଗତିକରୁଥିବା ରୋଗୀମାନେ ଏହାଦ୍ୱାରା ବିଶେଷ ଭାବରେ ଉପକୃତ ହେବେ। ଗତ ମାର୍ଚ୍ଚ ୨୦୨୩ରେ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନ୍‌ଙ୍କ ସୁନ୍ଦରଗଡ଼ ପରିଦର୍ଶନ ସମୟରେ ଏନେଇ ସ୍ଥାନୀୟ ଅଧିବାସୀମାନଙ୍କ ତରଫରୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱର ସହ ବିଚାରକରି ବଣାଇଠାରେ ଏକ ଡାଇଲିସିସ୍ ୟୁନିଟ୍ ସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ହେଲାପରେ ବଣାଇଗଡ଼ ବ୍ଲକ ସହ ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡା ବ୍ଲକର ଲକ୍ଷାଧିକ ଲୋକ ଉପକୃତ ହେବେ। ପୂର୍ବରୁ ଡାଇଲିସିସ୍ ସୁବିଧା ଆବଶ୍ୟକ କରୁଥିବା ବୃକକ୍ ରୋଗୀମାନେ ରାଉରକେଲା ଏବଂ ସୁନ୍ଦରଗଡ଼ ଉପରେ ନିର୍ଭରଶୀଳ ଥିଲେ। ସପ୍ତାହକୁ ଦୁଇ ରୁ ତିନିଥର ଡାଇଲିସିସ୍ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କ ପାଇଁ ଏହି ସେବା ନିୟମିତ ହାସଲ କରିବା କଷ୍ଟକର ହୋଇଯାଉଥିଲା। ବୃକକ୍ ଜନିତ ସମସ୍ୟା ଦେଇ ଗତି କରୁଥିବା ରୋଗୀମାନେ ଦୀର୍ଘ ସମୟ ଯାତ୍ରା କରିବା ଏବଂ ଏ ନେଇ ଅର୍ଥ ଖର୍ଚ୍ଚକରିବା ଏକ ଦୁରୂହ ବ୍ୟାପାର ଥିଲା। ଏହାଦ୍ୱାରା ସେମାନଙ୍କ ଉପରେ ଅର୍ଥଗତ ଏବଂ ସ୍ୱାସ୍ଥ୍ୟଗତ ଚାପ ପଡୁଥିଲା। ଏବେ ବଣାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଡାଇଲିସିସ୍ ସେବା ଉପଲବ୍ଧ ହେବା ଫଳରେ ଲୋକମାନଙ୍କୁ ଆଉ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ। ଡାଇଲିସିସ୍ କେନ୍ଦ୍ରରେ ଆଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ବୈଷୟିକ ଦକ୍ଷତା ସମ୍ପନ୍ନ ଚିକିତ୍ସକଙ୍କ ଦ୍ୱାରା ବୃକକରେ ସମସ୍ୟା ଭୋଗୁଥିବା ଲୋକଙ୍କୁ ଏ ନେଇ ଆଧୁନିକ ଚିକିତ୍ସା ଦିଆଯିବ। ଏହି କେନ୍ଦ୍ରର ଲୋକାର୍ପଣ ଖୁବ୍‌ଶୀଘ୍ର ହେବାକୁ ଯାଉଥିବାବେଳେ ଏ ନେଇ ଜିଲ୍ଲା ମୁଖ୍ୟ ମେଡିକାଲ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଧରଣୀ ରଞ୍ଜନ ଶତପଥୀ ନିଜର ଖୁସି ଜାହିର କରିଛନ୍ତି। ସୁନ୍ଦରଗଡ଼ରେ ଗୋଷ୍ଠୀସ୍ତରରେ ଉନ୍ନତ, ନୂତନ ଏବଂ ସମସ୍ତଙ୍କୁ ମିଳିପାରୁଥିବା ବ୍ୟାପକ ସ୍ୱାସ୍ଥ୍ୟସେବା ଯୋଗଇବାକୁ ଆମେ ଦୃଢପରିକର ଏବଂ ବଣାଇର ଏହି ଡାଇଲିସସ୍ କେନ୍ଦ୍ରର ସ୍ଥାପନା ସେହି ଦିଗରେ ଏକ ପ୍ରମୁଖ ପଦକ୍ଷେପ ବୋଲି ବିଚାର କରାଯାଇ ପାରିବ ବୋଲି କୁହାଯାଇ ପାରିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏହି କେନ୍ଦ୍ରରେ ୪ଟି ଡାଇଲିସିସ୍ ମେସିନ୍ ଅଛି ଏବଂ ଏହା ସପ୍ତାହକୁ ୨୪ ଘଣ୍ଟା ଧରି ୭ ଦିନ ଯାଏ ଖୋଲା ରହିବ। ଯାହାଫଳରେ ଡାଇଲିସିସ୍ ସେବା ଆବଶ୍ୟକ କରୁଥିବା ଲୋକମାନଙ୍କୁ ୨୪ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ଏଥିରେ ମାସକୁ ୪୦୦ରୁ ଅଧିକ ଲୋକଙ୍କୁ ଡାଇଲିସିସ୍ ସୁବିଧା ମିଳିପାରିବ। ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରୁ ଯେଉଁ ରୋଗୀମାନେ ଏହି ଚିକିତ୍ସା ପାଇଁ ରେଫର୍ ହୋଇ ଆସୁଥିବେ ସେମାନଙ୍କୁ ଏହି ଚିକିତ୍ସା ବିନା ମୂଲ୍ୟରେ ମିଳିବ। ଏହି ସୁବିଧା କାର୍ଯ୍ୟକ୍ଷମ ହେଲାପରେ ଏହି ଅଞ୍ଚଳର ଲୋକଙ୍କର ଦୀର୍ଘଦିନର ଦାବିପୂରଣ ହେବ ବୋଲି କୁହାଯାଇଛି।

## ଦୁର୍ଘଟଣାରେ ଯୁବକ ମୃତ

**ରାଉରକେଲା, ୪।୧(ସମିସ):** ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ରାହ୍ମଣୀ ତରଙ୍ଗ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ରାଜଗାଙ୍ଗପୁର କେଶରମଲ ଗ୍ରାମର ଶିତଳ ବାରା (୩୨)। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ୨ ତାରିଖ ବିଳମ୍ବିତ ରାତିରେ ବିରକେରା ଡିପ୍ଲୋ ଛକଦେଇ ମାଲବାହୀ ଅଟୋ ଡାଲାରେ ବସି ଶୀତଳ ଆସୁଥିଲେ। ବିରକେରା ଚାନ୍ଦିନୀ ବ୍ରିଜ ନିକଟ ରାସ୍ତାରେ ଛିଡ଼ା ହୋଇଥିବା ଟ୍ରାକ୍ଟର ଡାଲାକୁ ଅଟୋ ଧକ୍କା ଦେଇଥିଲା। ଫଳରେ ଶୀତଳ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

## ଯୁବକଙ୍କୁ ଛୁରୀରେ ଆକ୍ରମଣ, ଜଣେ ଗିରଫ

**ରାଉରକେଲା, ୪।୧ (ସମିସ):** ଯୁବକଙ୍କୁ ଛୁରୀରେ ଆକ୍ରମଣ କରିବା ଅଭିଯୋଗରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗୋପବନ୍ଧୁପାଲି ବସ୍ତିର ମହମ୍ମଦ ଫଇମ (୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଜଡ଼ିତ ଥିବା ଅନ୍ୟମାନେ ଫେରାର ହୋଇ ଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ଗତ ୧ତାରିଖ ଦିନ ଉକ୍ତ ବସ୍ତିର ହିମାଂଶୁ ଚକ୍ରବର୍ତ୍ତୀ ନିଜ ସାଙ୍ଗ ମାନଙ୍କ ସହ ନୂଆ ବର୍ଷ ପାଳନ କରୁଥିଲେ। ଗିରଫ୍ ଫଇମ ସମେତ କିଛି ଯୁବକ ଆସି କୌଣସି କାରଣକୁ ନେଇ ପାଟିତୁଣ୍ଡ କରି ହିମାଂଶୁଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

## ହଇଜା ମୃତକ ଓ ଚିକିତ୍ସିତଙ୍କୁ କ୍ଷତିପୂରଣ ଦାବିରେ ବିକ୍ଷୋଭ



**ରାଉରକେଲା, ୪।୧(ସମିସ):** ହଇଜା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଓ ଚିକିତ୍ସିତ ରୋଗୀଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ ଦାବିରେ ବୁଧବାର ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଭିନବ ଢଙ୍ଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ସଭାପତି ରଶ୍ମିରଞ୍ଜନ ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ମୃତକ ପରିବାରକୁ ୨୦ ଲକ୍ଷ ଓ ଚିକିତ୍ସିତ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଥିଲା। ବିଶୁଦ୍ଧ ପାନୀୟ ଜଳ ପରିବର୍ତ୍ତେ ଲୋକଙ୍କୁ ଦୂଷିତ ଜଳ ଯୋଗାଣ ହୋଇଥିବା ଅଭିଯୋଗ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସଭାପତି ରଶ୍ମୀ ରଞ୍ଜନ ପାଢ଼ୀଙ୍କ ସମେତ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପ୍ରବୋଧ ଦାସ, ରବି ରାୟ, ସବୀର ହୁସେନ, ଦେବବ୍ରତ ବିହାରୀ, ରମାନନ୍ଦ ଶ୍ରୀଚନ୍ଦନ, ରବି ରାୟ, ବରିୟାମ ସିଂ, ମହିଳା ଅଧ୍ୟକ୍ଷା ନିରୁପମା ବଳିୟାର ସିଂ, ଇଜାଜ ଅକତର, ଉମେଶ ଶରଣ, କୀର୍ତ୍ତନ ଦାସ, ପ୍ରଫୁଲ୍ଲ କଂସାରୀ, ଜ୍ଞାନ ଦାସ, ଶିବୁ ଦୀପ, ସୂର୍ଯ୍ୟକାନ୍ତ ବାରିକ ସମେତ ଅନ୍ୟମାନେ ଉପସ୍ଥିତ ରହି ପ୍ରଶାସନର ହଇଜା ମୁକାବିଲାରେ ବିଫଳତା ଉପରେ ବିଷୋଦଗାର କରିଥିଲେ।

## ଭାଙ୍ଗି ଗଲା ଭ୍ରାମ୍ୟମାଣ ଶୌଚାଳୟ



**ରାଉରକେଲା, ୪।୧(ସମିସ):** ରାଉରକେଲା ମହାନଗର ନିଗମ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନରେ ଭ୍ରାମ୍ୟମାଣ ଶୌଚାଳୟ ସମେତ ସହରର ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି। ସରକାରଙ୍କ ପକ୍ଷରୁ ଶୌଚାଳୟ ଗୁଡିକ ଦେୟମୁକ୍ତ ସେବା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲେ ମଧ୍ୟ ବାସ୍ତବିକ କ୍ଷେତ୍ରରେ ଶୌଚାଳୟ ଠାରେ ଲୋକଙ୍କ ଠାରୁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି କ୍ଷେତ୍ରରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିବା ବେଳେ ବର୍ତ୍ତମାନ୍ ଆଉ ଏକ ଅଭିଯୋଗ ହୋଇଛି। ନିଗମ ପକ୍ଷରୁ ଭ୍ରାମ୍ୟମାଣ ଶୌଚାଳୟ ନିର୍ମାଣ କରାଯାଇ, ବିଭିନ୍ନ ସ୍ଥାନରେ ହେଉଥିବା ସଭା ସମିତି, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭ୍ରାମ୍ୟମାଣ ଶୌଚାଳୟର ସେବା ଯୋଗାଇ ଦିଆଯାଉଛି। ଏଥିରେ ନିମ୍ନଧରଣର କାର୍ଯ୍ୟ ହୋଇଥିବା ଦେଖାଦେଇଛି। ଉଦିତନଗର ସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ ସମ୍ମୁଖସ୍ଥ ତଥା ଫୁଡ୍ କୋର୍ଟ ଠାରେ ଆର୍‌ଏମ୍‌ସିର ବିଭିନ୍ନ ଗାଡି, ଟ୍ରାକ୍ଟର ସମେତ ଭ୍ରାମ୍ୟମାଣ ଶୌଚାଳୟ ରଖାଯାଇଛି। ସେଠାରୁ ଟ୍ରାକ୍ଟର ଯୋଗେ ଗୋଟିଏ ଭ୍ରାମ୍ୟମାଣ ଶୌଚାଳୟ କୌଣସି କାର୍ଯ୍ୟ ପାଇଁ ବାହାରକୁ ଅଣାଯାଉ ଥିବାବେଳେ ଗେଟ୍ ନିକଟରେ ତାହା ଭାଙ୍ଗି ଯାଇ ଗେଟରେ ଲାଗି ଅଟକି ଯାଇଥିଲା। ଗେଟ୍ ଥିବା କାରଣରୁ ଏକ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଏନେଇ ଭ୍ରାମ୍ୟମାଣ ଶୌଚାଳୟରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି।

**ନିମ୍ନମାନର ଅଭିଯୋଗ**

## ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ବୈଠକ

**ରାଉରକେଲା, ୪।୧(ସମିସ):** ୨୦୦୧ ମସିହାରୁ ପଞ୍ଜିକୃତ ହୋଇଥିବା ରାଉରକେଲା ସହରର ଅନ୍ୟତମ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସେକ୍ଟର-୪ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧ୍ୟକ୍ଷ ଗୋପାଳ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ସଂଗଠନର ପ୍ରତିଷ୍ଠାତା ସଦସ୍ୟ ମାନଙ୍କ ସମେତ କିଛି ନୂତନ ସଦସ୍ୟମାନେ ଯୋଗ ଦେଇଥିଲେ। ବୈଠକରେ ସଂଗଠନ ପକ୍ଷରୁ ଆସନ୍ତା ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି ଜାନୁଆରୀ ମାସ ଶେଷ ସପ୍ତାହରେ ସହରର କୌଣସି ଅନାଥାଶ୍ରମର ଅନ୍ତେବାସୀଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଆୟୋଜନ ସହିତ ଅସହାୟ ଓ ଅସୁବିଧାରେ ଥିବା ବ୍ୟକ୍ତି ମାନଙ୍କୁ ସହାୟତା ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ସଦସ୍ୟମାନେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏହାସହ ସଂଗଠନ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନର କାର୍ଯ୍ୟକ୍ରମ ସମ୍ବଳିତ ଏକ ତ୍ରୟମାସିକ ପତ୍ରିକା ପ୍ରକାଶନ ନିମନ୍ତେ ଆଲୋଚନା ହୋଇଥିଲା। ଏହି ବୈଠକରେ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ଭାବେ କଟକରୁ ଉତ୍କଳ ଗ୍ରାମ ସ୍ୱାରଜ୍ୟ ସଂଗଠନର ପ୍ରତିଷ୍ଠାତା କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଏବଂ ଲେଖକ ସୁକୁମାର ସାମଲ ଯୋଗ ଦେଇଥିଲେ। ଏହା ସହିତ ଆମନ୍ତ୍ରିତ ମହିଳା ସଦସ୍ୟା ଭାବେ ଲୀନା ନାୟକ ଓ ପ୍ରତିଭା ପ୍ରିୟଦର୍ଶିନୀ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ସମ୍ପାଦକ ସଞ୍ଜୀବ ନାୟକ ଓ ଅଧ୍ୟକ୍ଷ ଗୋପାଳ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ପ୍ରତିଷ୍ଠାତା ସଦସ୍ୟ ତାପସ ପରିଡ଼ା, ମହେନ୍ଦ୍ର ମିଶ୍ର, ସନ୍ତୋଷ ରାୟ, ପ୍ରମୋଦ ମହାନ୍ତି, ପବିତ୍ର ବାରିକ, ଶାନ୍ତନୁ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ବିବାଦୀୟ ବିଦ୍ୟୁତ୍ ବିଲ୍ ସମାଧାନ କ୍ୟାମ୍ପ

**ରାଉରକେଲା, ୪।୧(ସମିସ):** ପଶ୍ଚିମ ଓଡ଼ିଶାର ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଚଳିତ ବର୍ଷ ଜାନୁୟାରୀ ମାସ ଲାଗି ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ ବିଦ୍ୟୁତ୍ ଉପଖଣ୍ଡ ଅଧୀକାରୀଙ୍କ କାର୍ଯ୍ୟାଳୟରେ ତାରିଖ ଅନୁଯାଇ ଅଭିଯୋଗ କ୍ୟାମ୍ପର ଆୟୋଜନ କରାଯାଉଛି। ଏଣୁ ଜିଲ୍ଲାର ସମସ୍ତ ବିଦ୍ୟୁତ୍ ଉପଭୋକ୍ତାମାନେ ତାରିଖ ଅନୁଯାୟୀ ନିଜ ଅଞ୍ଚଳରେ ଉପସ୍ଥିତ ରହି ନିଜର ବିବାଦୀୟ ବିଦ୍ୟୁତ୍ ବିଲ ନେଇ ଅଭିଯୋଗକୁ ପଞ୍ଜିକୃତ ତଥା ସମାଧାନ କରିପାରିବେ। ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡା ଠାରେ ଆସନ୍ତା ୫ ତାରିଖ ଦିନ ଏହି କ୍ୟାମ୍ପ ହେବାକୁ ଥିବାବେଳେ ୬ ତାରିଖ ଦିନ ଜଳଦାରେ, ୮ ରେ ଉଦିତନଗରରେ, ୯ ରେ ରାଜଗାଙ୍ଗପୁର - ୨ରେ, ୧୦ ରେ ସୁନ୍ଦରଗଡ଼ରେ, ୧୧ରେ କଲୁଙ୍ଗାରେ ଏବଂ ୧୨ ତାରିଖ ଦିନ ରାଜଗାଙ୍ଗପୁର - ୧ରେ ସମ୍ପୃକ୍ତ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ ବିଶେଷ କ୍ୟାମ୍ପର ଆୟୋଜନ କରାଯାଉଛି। ସେହିପରି ତା ୧୬ ତାରିଖ ଦିନ ମଧୁସୁଦନପାଲିରେ, ୧୭ରେ ବିଶ୍ରାରେ, ୧୮ରେ ଉଜ୍ଜଳପୁରରେ, ୨୦ ରେ ମେନ୍ ରୋଡ, ୨୨ରେ ଛେଣ୍ଡ, ୨୪ ତାରିଖ ଦିନ ଲହୁଣିପଡ଼ାରେ, ୨୫ ତାରିଖ ଦିନ କୋଏଲନଗରରେ ଏବଂ ୨୯ ତାରିଖ ଦିନ ପାନପୋଷ ସ୍ଥିତ ବିଦ୍ୟୁତ୍ ଉପଖଣ୍ଡ ଅଧୀକାରୀଙ୍କ କାର୍ଯ୍ୟାଳୟ ଠାରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିବାଦୀୟ ବିଦ୍ୟୁତ୍ ବିଲର ସମାଧାନ ପାଇଁ କ୍ୟାମ୍ପର ଆୟୋଜନ କରାଯାଉଛି।

## ଲହୁଣୀପଡ଼ା ପଞ୍ଚାୟତର ବିଭିନ୍ନ ଗାଁକୁ ପହଞ୍ଚିଲା ଅକ୍ଷତ କଳସ



**ଲହୁଣୀପଡ଼ା, ୪।୧(ସମିସ):** ଅଯୋଧ୍ୟାରେ ଭବ୍ୟ ଶ୍ରୀରାମ ମନ୍ଦିର ନିର୍ମାଣ କାର୍ଯ୍ୟ ପାଇଁ ସମଗ୍ର ଭାରତ ବର୍ଷରେ ଅଭିଯାନ ଚାଲିଛି। ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ ପ୍ରତ୍ୟେକ ହିନ୍ଦୁ ପରିବାରରେ ପହଞ୍ଚିବ ବୋଲି ବିଶ୍ୱହିନ୍ଦୁ ପରିଷଦ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲହୁଣିପଡ଼ା ପଞ୍ଚାୟତର ୧୧ ଟି ଗ୍ରାମ ଯଥା ଲହୁଣୀପଡ଼ା, ସୁକପାଲି, ଗମ୍ଭାରଡିହ, ଲହଙ୍ଗାପଡ଼ା, ସୁଖାବନ୍ଧ, ସାଲେଇଡିହ, କଟୁପଡ଼ା, ଗୌତମଡିହ, ଟକରା, କଜଲା, ଲଟେଇମୁଣ୍ଡି ଗ୍ରାମର ରାମ ଭକ୍ତ ସ୍ଥାନୀୟ ହନୁମାନ ମନ୍ଦିର ଲହୁଣିପଡ଼ାରୁ ଆସି ଲହୁଣୀପଡ଼ା ଟାଉନରେ ଶୋଭାଯାତ୍ରା କରି ଭଜନ କୀର୍ତ୍ତନ କରିବା ପରେ ନିଜ ଗ୍ରାମକୁ ନେଇଥିବା ଜଣାପଡ଼ିଛି। ଏହି ଅକ୍ଷତ କଳସ ବିତରଣ ସମୟରେ ପଞ୍ଚାୟତ ସଂଯୋଜକ ଶ୍ରୀକାନ୍ତ ମାହାନ୍ତ, ସହ-ସଂଯୋଜକ ଅନୀଲ କୁମାର ମାହାନ୍ତ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା କାର୍ଯ୍ୟବାହ ଉମାଶଙ୍କର ମାହାନ୍ତ, ରାଷ୍ଟ୍ରଦୀପ ପ୍ରଚାର ପ୍ରସାର ପ୍ରମୁଖ ମହେଶ୍ୱର ମାହାନ୍ତ, ବିଶ୍ୱହିନ୍ଦୁ ପରିଷଦର ଘନଶ୍ୟାମ ମାହାନ୍ତ, ଭୃକୁଟି ଚରଣ ମାହାନ୍ତ, ବିଜେପିର ଜିଲ୍ଲା ଉପ-ସଭାପତି ଉପେନ୍ଦ୍ର ବେହେରା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲହୁଣିପଡ଼ାର ପ୍ରଧାନ ଆଚାର୍ଯ୍ୟ, ଗୁରୁଜୀ ଗୁରୁମାଙ୍କ ସହ ବିଭିନ୍ନ ଗ୍ରାମରୁ ଆସିଥିବା ରାମଭକ୍ତଙ୍କ ସହ ଅନେକ ମାଆ ଭଉଣୀ ମାନେ ଉପସ୍ଥିତ ଥିଲେ।

## ୫ଦିନିଆ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ



**ରାଉରକେଲା, ୪।୧(ସମିସ) :** ସ୍ଥାନୀୟ ଭଞ୍ଜ ଭବନ ପ୍ରଦର୍ଶନୀ ପଡ଼ିଆଠାରେ ଆଞ୍ଚଳିକ କଳିଙ୍ଗ ହର୍ବଲ ମେଳା ଗୁରୁବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ସଂଧ୍ୟାରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଆୟୁର୍ବେଦିକ ଚିକିତ୍ସା ଏବଂ ଔଷଧର ବ୍ୟବହାର ଏବଂ ଏହାର ବ୍ୟାପକତା ଉପରେ ଗୁରୁତ୍ୱାରୋପ କରି ଶ୍ରମମନ୍ତ୍ରୀ ଶ୍ରୀ ନାୟକ ବନ ବିଭାଗର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ବିଧାୟକ ଶ୍ରୀ ତରାଇ କହିଲେ ଏହି ମେଳା ସହର ତଥା ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ରହିଥିବା ଆୟୁର୍ବେଦିକ ଚିକିତ୍ସକଙ୍କୁ ଏକତ୍ରୀତ କରିବାରେ ସହାୟକ ହେବା ସହ ଏଥିରୁ ରାଉରକେଲାବାସୀ ବିଶେଷ ଉପକୃତ ହେବେ। ଡିଏଫଓ ଶ୍ରୀ ସେଠୀ ସ୍ୱାଗତ ଭାଷଣ ଦେଇ ଏହା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ଅରୁଣ କୁମାର ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆୟୁର୍ବେଦ ଚିକିତ୍ସା ପଦ୍ଧତିର ଉପକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀରେ ଏସିଏଫ୍ ସାଲବିନ୍ଦର ସିଂହ ଓ ଏସିଏଫ୍ ସୌମ୍ୟରଞ୍ଜନ ଗୋଚ୍ଛାୟତ ଉପସ୍ଥିତ ଥିଲେ। ରାଉରକେଲା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଓ ଓଡ଼ିଶା ସରକାରଙ୍କ ରାଜ୍ୟ ରାଜ୍ୟର କୋଣ ଅନୁକୋଣରୁ ୫୦ରୁ ଉର୍ଦ୍ଧ୍ୱ ବୈଦ୍ୟମାନେ ଆସି ଏହି ମେଳାରେ ଅଂଶଗ୍ରହଣ କରି ପାରମ୍ପାରିକ ଚିକିତ୍ସା ଏବଂ ଔଷଧ ବିଷୟରେ ଜନସାଧାରଣଙ୍କୁ ଅବଗତ କରୁଛନ୍ତି। ଏଥି ସହିତ ମେଳାରେ ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି, ଔଷଧୀୟ ବୃକ୍ଷ ବିତରକ, ସରକାରୀ ଓ ବେସରକାରୀ ସଂସ୍ଥା ସାମିଲ ହୋଇଛନ୍ତି। ମେଳାରେ ପ୍ରଥମ ଥର ପାଇଁ ଜୈବ ଖାଦ୍ୟର ବ୍ୟବସ୍ଥା ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଥିଲା। ଏହି ମେଳାରେ ମୋଟ ୮୦ ଗୋଟି ଷ୍ଟଲରେ ଏହି ହର୍ବାଲ ମେଳା ପ୍ରଦର୍ଶିତ ହୋଇଥିଲା।

### ରେଳପୋଷ ରାଜିପାଢ଼ା ପକ୍ଷରୁ ସାମୂହିକ ପ୍ରାର୍ଥନା ସଭା
## 'ସଂସ୍କୃତି ହିଁ ଆମ ସମ୍ପର୍କକୁ ଏକତା ସୂତ୍ରରେ ବାନ୍ଧିରଖେ'



ରାଉରକେଲା, ୪।୧(ସମିସ)

ସଂସ୍କୃତି ଓ ପରମ୍ପରା ପ୍ରତ୍ୟେକ ସମାଜକୁ ଏକତା ସୂତ୍ରରେ ବାନ୍ଧିରଖେ। ତେଣୁ ନିଜ ସଂସ୍କୃତି ଓ ପରମ୍ପରାକୁ ସର୍ବଦା ବଜାୟ ରଖିବା ଉଚିତ ବୋଲି ନୂଆଗାଁ ବ୍ଲକ ରେଳପୋଷ ଗ୍ରାମରେ ଆୟୋଜିତ ସାରନା ପ୍ରାର୍ଥନା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଧର୍ମଗୁରୁ ବନ୍ଧନ ତିଗା ପ୍ରକାଶ କରିଛନ୍ତି। ରେଳପୋଷ ରାଜି ପାଢ଼ା ସାରନା ପ୍ରାର୍ଥନା ସଭା କମିଟି ପକ୍ଷରୁ ଆୟୋଜିତ ପ୍ରାର୍ଥନାସଭାରେ ଶହ ଶହ ଓରାମ ସମ୍ପ୍ରଦାୟର ପୁରୁଷ ଓ ମହିଳା ଉପସ୍ଥିତ ରହି ଧର୍ମଗୁରୁଙ୍କ ବାଣୀକୁ ଭକ୍ତିର ସହ ଶ୍ରବଣ କରିଥିଲେ। ପୂର୍ବାହ୍ନ ୯ଟାରେ ଏହି କାର୍ଯ୍ୟକ୍ରମକୁ ଧର୍ମଗୁରୁ ବନ୍ଧନ ତିଗା ଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଆଖ ପାଖ ବିଭିନ୍ନ ଗ୍ରାମର ହଜାର ହଜାର ସାରନା ପ୍ରେମୀ ଭକ୍ତ ଶ୍ରୀ ଗୁରୁଙ୍କ ଧାର୍ମିକ ପ୍ରବଚନ ଶୁଣିବା ସହ ସାରନାରେ ଜଳାଭିଷେକ କରିଥିଲେ। ଅପରାହ୍ନରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ତାଙ୍କ ଅଭିବ୍ୟକ୍ତି ରଖିବା ସହ ସଂକୃତି ହିଁ ଆମକୁ ସମ୍ପର୍କର ସୂତ୍ରରେ ବାନ୍ଧି ରଖିପାରିବ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଜେଡି ଯୁବନେତା ମଖଲୁ ଏକ୍କା ଯୋଗଦେଇ ଓରାମ ସମାଜର ସାମାଜିକ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଓରାମ ସମ୍ପ୍ରଦାୟ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଙ୍ଗରାଜ ଓରାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଅନେକ ବିଶିଷ୍ଟ ବ୍ୟକ୍ତି ସହଯୋଗ କରିଥିଲେ। ରାଜୀ ପାଢ଼ା ସାରନା ପ୍ରାର୍ଥନା ସଭା ସଭାପତି ମମତା ଓରାମ, ସମ୍ପାଦକ ଫଗନି ଓରାମ, ସହ ସମ୍ପାଦକ ଦୁଃଖିନୀ ଓରାମ, ସମରା ଓରାମ, ଉପ ସଭାପତି ଦୁର୍ଗା ଓରାମ, ମୁକେଶ ଓରାମ, ମଙ୍ଗଲ ତିର୍କି, ମିଥଲେସ ଖାଲଖୋ, ସୁରେଶ ଓରାମ, ରାଜେଶ ଓରାମ ପ୍ରମୁଖ ଉପସ୍ଥିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଷିତୀଶଙ୍କ ବ୍ୟାଙ୍କିଙ୍ଗ ଫାଇନାନ୍ସରେ ଡକ୍ଟରେଟ ଲାଭ



ଅସ୍ତରଙ୍ଗ ବ୍ଲକ ଘଣ୍ଟିକଣ ଗ୍ରାମ ର ନଟକିଶର ମହାନ୍ତି ଏବଂ ରଂଜିତା ପ୍ରଭା ମହାନ୍ତିଙ୍କର ସୁପୁତ୍ର ଶ୍ରୀମାନ କ୍ଷିତିଶ କୁମାର ମହାନ୍ତି ବି ଟେକ, ଏମ ଟେକ, ଏମ ବି ଏ ସହିତ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ବ୍ୟାଙ୍କିଙ୍ଗ ଫାଇନାନ୍ସ ରେ ଡକଟରେଟଲାଭ କରିଛନ୍ତି।

## ପିଏଚ୍.ଡି ଲାଭ



ଅବିକେଶ ପ୍ରସାଦ କୁମାର ମହାପାତ୍ର ଓପିଜେଏସ ବିଶ୍ୱ ବିଦ୍ୟାଳୟର ଫାର୍ମାସିଶିକ୍ଷା ଓ ଗବେଷଣା ବିଭାଗ ପ୍ରଫେସର ନିରଜ ଗୁପ୍ତାଙ୍କ ତତ୍ୱାବଧାନରେ ଗବେଷଣା କରି ଓପିଜେଏସବିଶ୍ୱ ବିଦ୍ୟାଳୟ ଚୁରୁ, ରାଜସ୍ଥାନରୁ ପି. ଏଚ. ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ତାହାଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ "FORMULATION AND DEVELOPMENT OF TASTE MASKEDSUBLINGUAL TABLET DOSAGE FORM OF AN ANTIPSYCHOTIC DRUG USING ANOVAL NATURAL DISINTEGRATE." ଭଗତ ଫୁଲ ସିଂ ମହିଳା ବିଶ୍ୱ ବିଦ୍ୟାଳୟ ହରିୟାନାରପ୍ରଧାପକ ଡଃ ଗୁଲସନ କୁମାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଅଛି। ସେ ଓଡିଶାର ଗଞ୍ଜାମ ଜିଲ୍ଲାକୋଦଳା ସ୍ଥିତ ସ୍ୱତନ୍ତ୍ର ବି.ଏଡ.କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ବିଭୂତି ଭୂଷଣ ମହାପାତ୍ର ଓ ପ୍ରୋକ୍ତକଲେଜର ପ୍ରାଧାପିକା ଡଃ ଅନିତା ନନ୍ଦଙ୍କ ଦ୍ୱିତୀୟ ସନ୍ତାନ। ବ୍ରହ୍ମପୁର ସ୍ୱର୍ଣ୍ଣମୟୀ ନଗର ସ୍ଥିତ ଶ୍ରୀ ପ୍ରସନ୍ନ କୁମାର ପାଢୀଙ୍କ ଜ୍ୟେଷ୍ଠ ଜାମାତା।

'୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷଙ୍କ ପୁରୁଣାପାଣିରେ ଉଦ୍‌ବୋଧନ

# ନୂଆଗାଁ, କୁଆଁରମୁଣ୍ଡାରେ ୨ ନୂଆ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ











**ରାଉରକେଲା, ୪।୧(ସମିସ)**

ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ନୂଆଗାଁ ଓ କୁଆଁରମୁଣ୍ଡାରେ ୨ଟି ନୂଆ ଡିଗ୍ରୀ କଲେଜକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ଦେଇଥିବା ନେଇ ଘୋଷଣା କରିଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ରାଜଗାଙ୍ଗପୁରସ୍ଥିତ ଜାମପାଲି ପଡ଼ିଆଠାରେ ସମ୍ମିଳିତ ଜନସମାଗମକୁ ଉଦବୋଧନ ଦେବାପରେ ଶ୍ରୀ ପାଣ୍ଡିଆନ୍ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ନୂଆଗାଁ ବ୍ଲକ୍ ପୁରୁଣାପାଣିସ୍ଥିତ ସେଲ୍ ହକି ଷ୍ଟାଡିୟମ୍ ଠାରେ ହେଲିକପ୍ଟର ଯୋଗେ ପହଞ୍ଚି ସେଠାରେ ଅପେକ୍ଷା କରି ରହିଥିବା ହଜାର ହଜାର ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଗତ ବର୍ଷ ଶ୍ରୀ ପାଣ୍ଡିଆନ ବୀରମିତ୍ରପୁର ଗସ୍ତ କରି ଲୋକଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣକରି ସେଗୁଡ଼ିକର ସମାଧାନ କରିଥିଲେ। ବୀରମିତ୍ରପୁରବାସୀଙ୍କ ଉକ୍ତ ଅନୁରୋଧ ରକ୍ଷାକରି ଆଜି ଦୁଇ ଦିନିଆ ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସମିତିର ପୁରୁଣାପାଣି ଖେଳ ପଡ଼ିଆଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇଥିଲେ। ପ୍ରଥମେ ୫-ଟି ଅଧ୍ୟକ୍ଷ 'ଆପନମାନେ କେନ୍ତା ଅଛନ୍' କହି ଉପସ୍ଥିତ ଜନସାଧାରଣଙ୍କୁ ନୂଆ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପାଣ୍ଡିଆନ୍ କହିଲେ ଆମ ମୁଖ୍ୟମନ୍ତ୍ରୀ କଥାରେ ନୁହେଁ ବରଂ କାମରେ ବିଶ୍ୱାସ କରନ୍ତି, ତେଣୁ ଲୋକଙ୍କ ପ୍ରତ୍ୟେକଟି ସମସ୍ୟାର ସମାଧାନ କରି ସେ କାମରେ କରି ଦେଖାଇ ଦେଉଛନ୍ତି । ସୁନ୍ଦରଗଡ଼ ଜିଲ୍ଲାବାସୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ନିବିଡ଼। ଆଜି ମୁଖ୍ୟମନ୍ତ୍ରୀ ରାଉରକେଲାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିଅମ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ପ୍ରତିଷ୍ଠା ସହ ହକି ବିଶ୍ୱକପ ଆୟୋଜନ କରି ଆମ ଅଞ୍ଚଳର ଟେକ ରଖିବା ସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ପ୍ରତି ସମ୍ମାନ ଜଣାଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡର କିଭଳି ଗରିବଙ୍କ ପାଇଁ ମୃତ୍ୟୁ ସଞ୍ଜିବନୀ ସାଜିଛି ଏବଂ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ବିଏସ୍‌କେୱାଇ ଯୋଜନାରେ ବାଦ ପଡ଼ିଥିବା ଲୋକମାନେ କିଭଳି ଯୋଡିହେବେ ସେଥିପାଇଁ ଆସନ୍ତା ୬ ତାରିଖରୁ ୧୬ ତାରିଖ ମଧ୍ୟରେ ଆବେଦନ କରିବାକୁ କହିଥିଲେ। ଏହି ଅବସରରେ କୁଆଁରମୁଣ୍ଡା ଓ ନୂଆଗାଁ ପଞ୍ଚାୟତ ସମିତିରେ ୨ଟି ନୂତନ ଡିଗ୍ରୀ ମହାବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବଡାଇକ ସମାଜ ନିଜକୁ ଅନସୂଚିତ ଜାତିରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରଦାନ ପାଇଁ ଦାବି ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନ ଜନସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ସାକ୍ଷାତ କରି ତାଙ୍କର ଆବେଦନ ପତ୍ର ଗ୍ରହଣ କରିଥିଲେ। ଆଜି ମିଳିଥିବା ବହୁ ସଂଖ୍ୟାକ ଦରଖାସ୍ତ ବିଶେଷ କରି ମନ୍ଦିର, ମସଜିଦ, ଗୀର୍ଜା ଓ ଗୋଷ୍ଠୀ କେନ୍ଦ୍ର ଉନ୍ନତୀକରଣ ପାଇଁ ଆସିଥିବା ପ୍ରସ୍ତାବର ଶୁଭ ଖବର ମୁଖ୍ୟମନ୍ତ୍ରୀ ୧୦ ଦିନରେ ଦେବେ ଓ ଅନ୍ୟ ଦରଖାସ୍ତଗୁଡ଼ିକ ସମ୍ପର୍କରେ ୩୦ ଦିନ ମଧ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ନିଶ୍ଚୟ ଉତ୍ତର ମିଳିବ ବୋଲି କହିଥିଲେ। ଗ୍ରାମାଞ୍ଚଳରେ ବ୍ୟାଙ୍କିଂ ସୁବିଧା ନ ଥିବାରୁ ଏହି ସୁବିଧା ପାଇଁ ଗ୍ରାମାଞ୍ଚଳର ଗରିବ ମାଆ ମାନେ ବସ୍ ଖର୍ଚ୍ଚାନ୍ତ ଭୋଇ ବ୍ଲକ ବା ସହରକୁ ଯାଇଥାନ୍ତି। ମାଆମାନଙ୍କ ଏହି ଅସୁବିଧାକୁ ଉପଲବ୍ଧ କରି ମୁଖ୍ୟମନ୍ତ୍ରୀ ଆସନ୍ତା ୨ ମାସ ଭିତରେ ଜିଲ୍ଲାର ପ୍ରତି ପଞ୍ଚାୟତରେ 'ଆମ ବ୍ୟାଙ୍କ' ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଫେବୃଆରୀ ମାସରେ ସୁନ୍ଦରଗଡ଼ ଜିଲ୍ଲାର ସବୁ ପଞ୍ଚାୟତରୁ ପଞ୍ଚାୟତ ସମିତିକୁ 'ଲକ୍ଷ୍ମୀ' ବସ୍ ଗଡ଼ିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତିଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଜନସମାଗମରେ ୧୫ ହଜାରରୁ ଊର୍ଦ୍ଧ୍ୱ ଯୋଗଦେଇଥିଲେ। ଶ୍ରମମନ୍ତ୍ରୀ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ନୋ, ସ୍ୱତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷା ସୁଶିଲା ଟପ୍ନୋ, ଜିଲ୍ଲା ମହିଳା ଜନତା ଦଳ ସଭାପତି ଏମ୍ମା ଏକ୍କା, ନୂଆଗାଁ ବ୍ଲକ ସଭାପତି ଦିଗାମ୍ବର ଦାସ, ମଖଲୁ ଏକ୍କା, ହିମାଂଶୁ ପଣ୍ଡା, ମହେନ୍ଦ୍ର ବଡ଼ାଇକ, ଜ୍ୟୋତି ଟେଟେ, ହାଲୁ ମୁଣ୍ଡାରୀ, ଦଶମୀ ମିଞ୍ଜ, ସୋମନାଥ ରାହା, ବିଶ୍ରା ବ୍ଲକ ସଭାପତି ସୁରେଶ ଓରାମ, କୁଆଁରମୁଣ୍ଡା ଖ' ଜିଲ୍ଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେବିଲ କେରକେଟା, ବ୍ଲକ ସଭାପତି ରାଜେଶ ହାଁସଦା, ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ଉପାଧ୍ୟକ୍ଷା ସୁନିତା ଅହୀର, ବିରମିତ୍ରପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗେ, ଛାତ୍ର ଜିଲ୍ଲା ଉପ-ସଭାପତି ଆଜାଜ ଆଲମ, ଟାଉନ ସଭାପତି ମାନଭଞ୍ଜନ ଦେଓ, ପୂର୍ବତନ ବିଧାୟକ ନିହାର ସୂରିନ, ଯୁବ ନେତା ତଥା ଜିଲ୍ଲା ସାଧାରଣ ସମ୍ପାଦକ ସେବିଆନ ଆଇଣ୍ଡ, ମହେନ୍ଦ୍ର ବଡେଇକ, ସାଗର କୁଆଁର, ବିଶାଳ ଶର୍ମା, ବିକାଶ ବାରୱା, ପ୍ରଦୀପ ରାଉତ୍ରାୟ, ରଜା ପାଣ୍ଡ, ପ୍ରଦୀପ ସାହୁ, ମୂନା ଅଚାର୍ଯ୍ୟଙ୍କ ସହ ସମସ୍ତ ସରପଞ୍ଚ-ସମିତିସଭ୍ୟ ଓ ଦଳୀୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ପାଣ୍ଡିଆନଙ୍କ କାର୍ଯ୍ୟକ୍ରମର ଏପାଖ ସେପାଖ

### ରାଜଗାଙ୍ଗପୁର ଜାମପାଲି ଫୁଟବଲ୍ ପଡ଼ିଆ

ଗୁରୁବାର ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରାଜଗାଙ୍ଗପୁରର ଜାମପାଲି ପଡ଼ିଆ ସଭାସ୍ଥଳରେ ହେଲିକପ୍ଟର ଯୋଗେ ପହଞ୍ଚି ସିଧାସଳଖ ଉତ୍ସୁକତାର ସହ ଅପେକ୍ଷା କରି ରହିଥିବା ଜନତାଙ୍କ ପାଖକୁ ଯାଇଥିଲେ। ସେମାନଙ୍କ ସହ ହାତ ମିଳାଇବା ସହ ସମସ୍ତଙ୍କୁ ହାପି ନ୍ୟୁ ଇୟର କହି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଉପସ୍ଥିତ ହଜାର ହଜାର ମହିଳା, ପୁରୁଷ, ଯୁବକ, ଯୁବତୀ, ଛାତ୍ରଛାତ୍ରୀମାନେ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଅତି ନିକଟରେ ପାଇ ଆତ୍ମବିଭୋର ହୋଇ ପଡ଼ିଥିଲେ। କେହି କେହି ଉତ୍ସାହର ସହ ସେଲ୍‌ଫି ନେବାର ସୁଯୋଗକୁ ଆଦୌ ହାତଛଡ଼ା କରି ନ ଥିଲେ।

### ରାଜଗାଙ୍ଗପୁରବାସୀଙ୍କ ଦୁଃଖ ମୁଣ୍ଡାଇଲେ ୫-ଟି ଅଧ୍ୟକ୍ଷ

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଆଜି ରାଜଗାଙ୍ଗପୁରରେ ପହଞ୍ଚିବା ପରେ ଉପସ୍ଥିତ ଜନତାଙ୍କ ଠାରୁ ଦୁଃଖ ସମସ୍ୟା ଭରା ଦରଖାସ୍ତ, ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଫର୍ଦ୍ଦ ଏତେଗୁଡିଏ ହୋଇ ଯାଇଥିଲା ଯେ ସେ ସମସ୍ତ ଅଭିଯୋଗ ପତ୍ରଗୁଡିକୁ ନିଜ କାନ୍ଧରେ କାନ୍ଧେଇ କହିଲେ 'ମୁଁ ଆପଣମାନଙ୍କର ଏହି ଦରଖାସ୍ତକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାନ କରିବି ଓ ଖୁବ ଶୀଘ୍ର ସମାଧାନ କରିବି' । ଯାକୁ ଦେଖି କିଛି ମହିଳା କୁହାକୁହି ହେଲେ ଯେ ସତରେ ରାଜଗାଙ୍ଗପୁର ବାସୀଙ୍କ ଦୁଃଖ ମୁଣ୍ଡାଇଥନ୍ତି ୫-ଟି ଅଧ୍ୟକ୍ଷ।



### ସେଲ୍‌ଫି... ସେଲ୍‌ଫି.. ସେଲ୍‌ଫି ..



ଯେଉଁଠି ଦେଖିବ ସେଠି ଖାଲି ସେଲ୍‌ଫି ପାଇଁ ଭିଡ଼ । ୫-ଟି ଅଧ୍ୟକ୍ଷଙ୍କୁ ଅତି ନିକଟରେ ପାଇ ଆବାଳ ବୃଦ୍ଧ ବନିତା ସମସ୍ତେ ସେଲ୍‌ଫି ପାଇଁ ହୋଇ ପଡ଼ିଥିଲେ ମତୁଆଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏତେ ଭିଡ ସତ୍ତ୍ୱେ ବି ୫-ଟି ଅଧ୍ୟକ୍ଷ ଆଦୌ ବିରକ୍ତି ପ୍ରକାଶ କରି ନ ଥିଲେ। ବରଂ ଖୁସି ଖୁସିରେ ସମସ୍ତ ସହ ଧୈର୍ଯ୍ୟର ସହ ସେଲ୍‌ଫି ଦେଉଥିଲେ। ଯାହାକୁ ବେଶ୍ ପ୍ରଶଂସା କରିଥିଲେ ସ୍ଥାନୀୟଲୋକେ।

### ସଭାସ୍ଥଳ ଭିତରେ ହାତ ମିଳାଇଲେ

ପାଣ୍ଡିଆନ ସଭାସ୍ଥଳରେ ପହଞ୍ଚିବା ପରେ ଉପସ୍ଥିତ ଲୋକଙ୍କ ପାଖକୁ ଯାଇଥିଲେ। ଏହାସହ ଅନେକଙ୍କ ତଥା ପ୍ରାୟ ସମସ୍ତଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଥିଲା। ଲୋକେ ଅତି ଉତ୍ସାହର ସହ ହ୍ୟାଣ୍ଡସେକ୍ କରି ଚାଲିଥିଲେ। ଏହାସହ ସେଲ୍‌ଫି ମଧ୍ୟ ନେଇଥିଲେ।



### ପାରମ୍ପରିକ ଆଦିବାସୀ ନୃତ୍ୟରେ ସ୍ୱାଗତ ସମ୍ବର୍ଦ୍ଧନା



ପାଣ୍ଡିଆନ ହେଲିକପ୍ଟର ଯୋଗେ ଓହ୍ଲାଇବା କ୍ଷଣି ପାରମ୍ପରିକ ଆଦିବାସୀ ନୃତ୍ୟରେ ସ୍ୱାଗତ ଆରମ୍ଭ ହୋଇଥିଲା। ଏହାର କିଛି ମିଟର ଦୂରରେ ଆୟୋଜିତ ହୋଇଥିବା ସଭାସ୍ଥଳର ପ୍ରବେଶ ପଥଠାରୁ ଆରମ୍ଭ କରି ସଭା ସ୍ଥଳ ଯାଏଁ ଆଦିବାସୀ ନୃତ୍ୟରେ ସ୍ୱାଗତ କରାଯାଇ ଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୫ରୁ ଊର୍ଦ୍ଧ୍ୱର୍ ଆଦିବାସୀ ନୃତ୍ୟ କଳାକାର ଗ୍ରୁପ୍ ପକ୍ଷରୁ ସୁନ୍ଦର ଭାବେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହା ଲୋକଙ୍କ ବେଶ୍ ମନ ମୋହିଥିଲା।

# ବଣାଇଁବାସୀଙ୍କ ଭଲପାଇବାରେ ଭାବବିହ୍ୱଳ '୫-ଟି' ଅଧ୍ୟକ୍ଷ




## ଗୁରୁଣ୍ଡିଆରେ ସରକାରୀ ମହାବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା

**ବଣାଇଁ / କୋଇଡା / ଲହୁଣୀପଡ଼ା, ୪।୧(ସମିସ)**

୫-ଟି ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସୁନ୍ଦରଗଡ଼ ଜିଲ୍ଲା ଗସ୍ତର ଅନ୍ତିମ ଦିବସରେ ଆଜି ବଣାଇଁ ନିର୍ବାଚନମଣ୍ଡଳୀର ବାବୁ ନୂଆଗାଁ ପଡ଼ିଆରେ ଅପରାହ୍ନ ୨.୩୦ ମିନିଟ୍‌ରେ ହେଲିକପ୍ଟର ଯୋଗେ ଅବତରଣ କରିବା ପରେ ନୃତ୍ୟର ତାଳେ ତାଳେ ମଞ୍ଚ ନିକଟକୁ ପାଛୋଟି ନେବା ସମୟରେ ବଣାଇଁ ଲୋକଙ୍କ ଭଲପାଇବା ଓ ସମବେତ ଜନତାଙ୍କୁ ଦେଖି ଭାବ ବିହ୍ୱଳ ହୋଇ ଯାଇଥିଲେ ଏବଂ ମଞ୍ଚ ଉପରକୁ ଯିବା ପୂର୍ବରୁ ସିଧାସଳଖ ଜନ ସାଧାରଣଙ୍କ ନିକଟକୁ ଯାଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟ ଗସ୍ତ କରୁଥିବା ଶ୍ରୀ ପାଣ୍ଡିଆନ୍ ଆଜିର ଏହି ସମାବେଶରେ ବଣାଇଁ ବାସୀଙ୍କୁ ଭେଟି ଅନେକ ଖୁସି ଅନୁଭବ କରୁଛି କହିବା ସହ ନିକଟ ଅତୀତରେ ସେ ବଣାଇଁ ଆସିଥିବାବେଳେ ଗ୍ରହଣ କରିଥିବା ଅଭିଯୋଗ କ୍ରମେ ଜନସାଧାରଣଙ୍କ ଦାବିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରି ଅର୍ଥ ପ୍ରଦାନ କରିଥିବା ନେଇ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଡାୟାଲିସିସ୍ ବ୍ୟବସ୍ଥା, ପ୍ରସିଦ୍ଧ ଶୈବ ପୀଠ ବାବା ବାଣେଶ୍ୱର ମନ୍ଦିର ପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ଅନୁଦାନ, ବଣାଇଗଡ଼ ମହାବିଦ୍ୟାଳୟକୁ ୧ କୋଟି ଟଙ୍କା, ଗୁରୁଣ୍ଡିଆରେ ଏକ ସରକାରୀ ମହାବିଦ୍ୟାଳୟ ସ୍ଥାପନ, ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ସେବା ପ୍ରଦାନ, ବଣାଇଁ ଅଞ୍ଚଳର ସମସ୍ତ ସ୍କୁଲ ଓ ଉଚ୍ଚବିଦ୍ୟାଳୟ ୫-ଟିରେ ସାମିଲ କରି ସ୍ମାର୍ଟ କ୍ଲାସ, ଇ - ଲାଇବ୍ରେରୀ ଭଳି ସମସ୍ତ ସୁବିଧା ଉପଲବ୍ଧତା ଇତ୍ୟାଦି ପ୍ରକଳ୍ପ ନେଇ ଶ୍ରୀ ପାଣ୍ଡିଆନ୍ ଘୋଷଣା କରିଥିଲେ। ଆସନ୍ତା ମାସ ଅର୍ଥାତ ଫେବୃଆରୀ ମାସ ଶେଷ ସୁଦ୍ଧା ଲକ୍ଷ୍ମୀ ବସ୍ ଯୋଜନା ଶୁଭାରମ୍ଭ କରି ପଞ୍ଚାୟତରୁ ବ୍ଲକକୁ ଯାତ୍ରା ପାଇଁ ମହିଳା ଓ ଛାତ୍ରୀ ଛାତ୍ର ମାନଙ୍କ ପାଇଁ ୫ ଟଙ୍କା ଧାର୍ଯ୍ୟ କରାଯାଇଥିବା ନେଇ ଘୋଷଣା କରିଥିଲେ ଶ୍ରୀ ପାଣ୍ଡିଆନ୍। ସୂଚନାଯୋଗ୍ୟ ଯେ ଆଜି ୫-ଟି ଅଧ୍ୟକ୍ଷଙ୍କ ଗସ୍ତ ସମୟରେ ୨୦ ହଜାରରୁ ଊର୍ଦ୍ଧ୍ୱର୍ ଜନସମାଗମ ଦେଖି ଭାବ ବିହ୍ୱଳ ହେବା ସହିତ ୧୦୦ରୁ ଅଧିକ ଅଭିଯୋଗ ପତ୍ର ଗ୍ରହଣ କରିବା ପରିପ୍ରେକ୍ଷୀରେ ଯେଉଁ ମାନେ ମଠ, ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଲେଖିଛନ୍ତି ୧୦ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ବିଚାରକୁ ନେଇ ଆପଣ ମାନଙ୍କୁ ଅତିଶୀଘ୍ର ଖୁସି ଖବର ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବଣାଇଁ ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ଷ୍ଟାଲିନ୍ ପରିଜା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ଭୀମସେନ ଚୌଧୁରୀଙ୍କ ସମେତ ବହୁ ନେତା ଓ ପଞ୍ଚାୟତରୁ ଆରମ୍ଭ କରି ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ଉପସ୍ଥିତ ହୋଇ ସହଯୋଗ କରିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ରାସ୍ତା ପାଲଟିଛି ମରଣଯନ୍ତା; ବଢୁଛି ଦୁର୍ଘଟଣା

ଗରଦପୁର,୪ା୧(ସମିସ)

ରାସ୍ତାରେ ଯମ ଜଗିଛି। ଏହି ରାସ୍ତା ଦେଇ ଯେ କେହି ଗଲେ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୈନିକ ଯାତ୍ରୀ ଛୋଟମୋଟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ମରାମତି ପାଇଁ ଆସୁଥିବା ଅର୍ଥ ଚଲୁ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଯେପରି ଠିକାଦାର ଆଉ ଯନ୍ତ୍ରୀଙ୍କ ପାଇଁ ନେଉଟିଆ କିଆରୀ ପାଲଟିଛି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁରରୁ ରାମଚନ୍ଦ୍ରପୁର ପଞ୍ଚାୟତ ମୁଖ୍ୟ ରାସ୍ତାକୁ ସିଧାସଳଖ ସଂଯୋଗ କରୁଥିବା ପହଣା ପଦିଆ ନଦୀ ବନ୍ଧରେ ଦେଖିବାକୁ ମିଳିଛି। ଏହି ରାସ୍ତା ପ୍ରାୟ ୨ କିମି ମରଣଯନ୍ତା ପାଲଟିଛି। କିଛିବର୍ଷ ପୂର୍ବେ ଏହି ରାସ୍ତା ପିଚୁ ହୋଇଥିଲା ହେଲେ ଏହାପରଠାରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ଜିଲ୍ଲା ଓ ଜିଲ୍ଲା ବାହାରର ଲୋକେ ରାତି ପାହିଲେ ଯାତାୟାତ କରୁଛନ୍ତି। ଯେହେତୁ ଏହି ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ଏକ ନୂତନ ସେତୁ ନିର୍ମାଣ ସରିଛି ତେଣୁ ସମସ୍ତଙ୍କ ପାଇଁ ଦୂରତା କମିଯାଇଛି। ନୂତନ ପୋଲ ନିର୍ମାଣ ହୋଇସାରିଥିଲେ ମଧ୍ୟ ପୂର୍ବରୁ ଥିବା ନଦୀବନ୍ଧ ରାସ୍ତାକୁ ମରାମତି କରାଯାଇନାହିଁ। ଫଳରେ ନିୟମିତ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବାରମ୍ବାର ସ୍ଥାନୀୟ ଲୋକେ ରାସ୍ତା ମରାମତି ପାଇଁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଦାବି କରିଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ରାସ୍ତା ଯିବାବେଳେ ନିୟନ୍ତ୍ରଣ ହରାଇ ଅନେକ ନଦୀବନ୍ଧ ତଳକୁ ପଡ଼ିଯାଉଛନ୍ତି। ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଶତାୟୁ ସଂଗ୍ରାମୀ ମାନଗୋବିନ୍ଦଙ୍କ ସ୍ମୃତିଚାରଣ ସଭା

**ଡେରାବିଶ,୪ା୧(ସମିସ):** ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ହଳଦୀବସନ୍ତ ଠାରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ମାନଗୋବିନ୍ଦ ମଲିକ ଦ୍ୱାଦଶାହ ତିଥିରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ତୁଷାରକାନ୍ତି ଘୋଷଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ବିମ୍ବାଧର ମୁଦୁଲି ମୁଖ୍ୟଅତିଥିଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସଂଗ୍ରାମୀ ମୁଦୁଲି ତାଙ୍କ ବକ୍ତବ୍ୟରେ କହିଥିଲେ, ୧୯୩୪ ମେ' ୩୦ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏକ ସ୍ମରଣୀୟ ଦିବସ ଥିଲା। ମହାତ୍ମା ଗାନ୍ଧିଙ୍କ କେନ୍ଦ୍ରାପଡ଼ା ଜିଲ୍ଲାରେ ଐତିହାସିକ ପଦଯାତ୍ରା ସମୟରେ ସେ ନିଜେ ଓ ସଂଗ୍ରାମୀ ମାନଗୋବିନ୍ଦଙ୍କ ସମେତ ବହୁ ଛାତ୍ର ଘରୁ ଲୁଚି ପଳାଇ ଆସି ତାଙ୍କ ସହ ସାମିଲ ହୋଇଥିଲେ। ପରିବାରର ଆକଟକୁ ନମାନି ସଂଗ୍ରାମୀ ମାନଗୋବିନ୍ଦ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ।

ଏହି ସ୍ମୃତିଚାରଣ ସଭାରେ ସମ୍ମାନିତ ଅତିଥିଭାବେ ସମାଜସେବୀ ମନିଷା ପଣ୍ଡା, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡ଼ା, ରାଜ୍ୟ ବିଜେଡ଼ି କାର୍ଯ୍ୟକାରିଣୀ ସଦସ୍ୟ ରବି ସାମଲ, ବିଜେଡ଼ି ଯୁବନେତା ରାଜେଶ ପଣ୍ଡା, ବିଜେପି ନେତା ତେଜେଶ୍ୱର ପରିଡ଼ା, ଗୀତାଞ୍ଜଳି ସେଠୀ, ଧନେଶ୍ୱର ସେଠୀ, ପଞ୍ଚାନନ ଦାସ, ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର ଯୋଗଦେଇ ସଂଗ୍ରାମୀ ମାନଗୋବିନ୍ଦଙ୍କ ନେତୃତ୍ୱରେ ଡେରାବିଶ ବ୍ଲକ ଅଞ୍ଚଳରେ ଶିକ୍ଷାର ପ୍ରସାର, ଅସ୍ପୃଶ୍ୟତା ନିବାରଣ ଓ ନିଶା ନିବାରଣ ପାଇଁ ସଂଗ୍ରାମ ଆରମ୍ଭ ହୋଇଥିଲା। ଏଭଳି ସଂଗ୍ରାମୀଙ୍କ ବିୟୋଗ ଜିଲ୍ଲାରେ ଏକ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ ମତ ଦେଇଥିଲେ। ମାନଗୋବିନ୍ଦଙ୍କ ମୃତ୍ୟୁପରେ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ, ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ପୂର୍ଣ୍ଣାନନ୍ଦ ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ରଘନାଥପୁର, ୪ା୧ (ସମିସ): ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର ୧୯୮୪ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଘନାଥପୁରର ଆମ ଘର ମଣ୍ଡପରେ ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ରତି ରଞ୍ଜନ ସେନାପତି, ସୁରେଶ ସାହୁ, ଅଜୟ ରାୟ, ଶ୍ୟାସୁନ୍ଦରପୁର ସାହୁ, ନାରାୟଣ ବେହେରା, ବିଜୟ ସାହୁ, ଚନ୍ଦନ ସାହୁ, ରତ୍ନାକର ସାହୁ, କୃଷ୍ଣ ସାହୁ, ସୁବାସ ସାହୁ, ହିମାଂଶୁ ଶେଖର ମହାପାତ୍ର, ନରୋତ୍ତମ ମହାପାତ୍ର, ଇନ୍ଦ୍ରମଣି ସାହୁ, ସୁବାସ ମହାରଣା, ମହେନ୍ଦ୍ର ସାହୁ, ଚନ୍ଦନ ବେହେରା, ଲକ୍ଷ୍ମୀପ୍ରିୟା ଦାସ , ପ୍ରତୀମା ନାୟକ, ତୁଳସୀ ବେହେରା, ରିତା ସ୍ୱାଇଁ, ସୁମିତ୍ରା ସାହୁ, ବିଦୁଲତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ସମାଜସେବୀ ହରେକୃଷ୍ଣ ସାହୁଙ୍କ ଶ୍ରଦ୍ଧାଞ୍ଜଳି ସଭା



**ପଟ୍ଟାମୁଣ୍ଡାଇ,୪ା୧(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ଅଳପୁଆ ଗ୍ରାମର ସମାଜସେବୀ ହରେକୃଷ୍ଣ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ତଳାପଡ଼ିଆ ଜଗତ୍‌ଜନନୀ ମା' ଦୁର୍ଗାଦେବୀପୀଠ ଓ ତାଙ୍କ ବାସଭବନଠାରେ ଦୁଇଟି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବବ୍ରୁବାହାନ ଧଳଙ୍କ ଆବାହକତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା ଓ ଅଳପୁଆର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ଦାଶଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ଗଗନ ମହାଳିକ, ପୂର୍ବତନ ସମିତି ସଭ୍ୟ ଚନ୍ଦନ ସାହୁ, ପ୍ରାକ୍ତନ ସିଆରସିସି ସୁଦର୍ଶନ ପତି, କୃତ୍ତିବାସ ସାହୁ, ଗିରିଧାରୀ ବିଶ୍ୱାଳ, ସୁରେଶ ବିଶ୍ୱାଳ ପ୍ରମୁଖ ଦିବଂଗତ ସାହୁଙ୍କ ଅଞ୍ଚଳ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରି ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଦିବଂଗତ ସାହୁଙ୍କ ବାସଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ ଅଶୋକ ନାୟକ ପୌରହିତ୍ୟ କରିଥିଲେ ଓ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠି, ତରଡିପାଳ ସରପଞ୍ଚ ଦେବବ୍ରତ ନାୟକ, ରବୀନ୍ଦ୍ର ଧଳ , କିଶୋର ବେହେରା, ଜାନକୀ ବିଶ୍ୱାଳ, ରମେଶ ଦାସ, ରତିକାନ୍ତ ଧଳ ପ୍ରମୁଖ ଦିବଂଗତ ସାହୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକ ପାତ କରିଥିଲ।

# ଗଳଧାରୀ ପଞ୍ଚାୟତରେ ବିଜେଡିର ବନ୍ଧୁମିଳନ



**ନାଉଗାଁ, ୪ା୧(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଳଧାରୀ ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଯୁବ ସଂଗଠକ ପ୍ରଦୀପ୍ତ ସ୍ୱାଇଁ, ପ୍ରଭାତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦାନ କରି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଯୋଗଦାନ କରିଥିବାବେଳେ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଉପରେ ଆସ୍ଥା ପ୍ରକଟ କରି ଅନେକ କଂଗ୍ରେସ କର୍ମୀ ନୂତନ ଭାବେ ବିଜେଡି ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ବିଧାୟକ ଶ୍ରୀ ମୁଦୁଲି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ।

# ଓଳାଭର ଯୁବକ ସଂଘ ତରଫରୁ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ପ୍ରଦାନ



ଓଳାଭର,୪ା୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଓଳାଭର ଯୁବକ ସଂଘ ପକ୍ଷରୁ ଆଜି ଓଳାଭର ନୋଡାଲ ଉଚ୍ଚ ବିଦ୍ୟାଳୟରେ ୭୦ ଜଣ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଓଳାଭର ଯୁବକ ସଂଘ ସଭାପତି ପ୍ରଫୁଲ୍ଲ ପୃଷ୍ଟି, ସମ୍ପାଦକ ଶ୍ରୀନିବାସ ଓଝା, ସହସମ୍ପାଦକ ଭୀମସେନ ସାମଲ ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ପକ୍ଷରୁ ସୁବାସ ଦାସ, ଗଙ୍ଗାଧର ଦାସ ଗଦାଧର ବେହେରା, ପ୍ରଭାତ ପୃଷ୍ଟି ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ରାଜେନ୍ଦ୍ର କୁମାର ରାଉତ, ରବୀନ୍ଦ୍ର ଦାସ, କମଳା କାନ୍ତ କରଣ, ସୁରେଶ ସାହୁ, ନିହାର ନଳିନୀ ନାୟକ, ଦୀପ୍ତିଶିଖା ସାମଲ, ଦୀପକ ଦାସ ପ୍ରମୁଖ ସହଯୋଗ କରିଥିଲେ।

# କରଜମୁକ୍ତ ଭାରତ ଅଭିଯାନ କାର୍ଯ୍ୟାଳୟ ଘେରିଲେ ମହିଳା

## ଋଣ ଶୁଝିଦେବାକୁ ଏସ୍‌ଏଚ୍‌ଜି ମହିଳାଙ୍କୁ ଦେଇଥିଲେ ପ୍ରତିଶ୍ରୁତି

**କେନ୍ଦ୍ରାପଡ଼ା,୪ା୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଗୁଲନଗରର ମାରୁତି ଛକରେ ଥିବା କରଜମୁକ୍ତ ଭାରତ ଅଭିଯାନ କାର୍ଯ୍ୟାଳୟକୁ ବୁଧବାର ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଘେରିଥିଲେ। ମହିଳାମାନଙ୍କ ବିଭିନ୍ନ ଋଣକୁ ଶୁଝିଦେବାକୁ ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ବିଭିନ୍ନ ଋଣର ପରିଶୋଧର ପ୍ରତିଶୃତି ଦେଇ ଠକେଇ କରାଯିବା ସମ୍ଭାବନାକୁ ନେଇ ଜିଲ୍ଲାର ୯ଟି ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଘେରାଉ କରିଥିଲେ। ହଜାର ହଜାର ମହିଳାଙ୍କୁ ସଂସ୍ଥା ପକ୍ଷରୁ ଏକଜୁଟ କରାଇବା, ସେମାନଙ୍କଠାରୁ ସବିଶେଷ ତଥ୍ୟ ନେବା ଭଳି ଘଟଣାକୁ ନେଇ ଘଣ୍ଟା ଘଣ୍ଟା କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଏନେଇ ସଂସ୍ଥାର କର୍ତ୍ତୃପକ୍ଷ ଜିଲ୍ଲାପ୍ରଶାସନର ଅନୁମତିକ୍ରମେ ଏହିଭଳି କାର୍ଯ୍ୟ କରୁଥିବା ନେଇ ଘେରାଉ କରିଥିବା ମହିଳାମାନଙ୍କୁ କହିଥିଲେ। ଯଦି ଜିଲ୍ଲା ପ୍ରଶାସନ ଅନୁମତି ଦେଇଥିଲା ତେବେ ସଂସ୍ଥାର ସମସ୍ତ କାଗଜପତ୍ର ଯାଞ୍ଚ ପାଇଁ ମହିଳାମାନେ ଦାବି କରିଥିଲେ। ପୂର୍ବଭଳି ନବଯୁଗ ସଂସ୍ଥାକୁ ଅନୁମତି ଦେଇ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ପରେ ଜାଲ୍ ଘୋଷଣା ଫାର୍ସ ପୁଣିଥରେ ଦୋହିରିବା ନେଇ ମହିଳାମାନେ ସନ୍ଦେହ କରିଛନ୍ତି। କରୋନା ସମୟରୁ କରିଥିବା ସମସ୍ତ ବ୍ୟାଙ୍କ ଋଣକୁ ଏହି ସଂସ୍ଥା ସାଧାରଣ ଲୋକଙ୍କୁ ଶୁଝିବାର ପ୍ରତିଶ୍ରୁତି ଦେଇଛି। ଗାଁ ଗାଁ ବୁଲି ଏଜେଣ୍ଟଙ୍କ ମାଧ୍ୟମରେ ମହିଳାଙ୍କୁ ଏକଜୁଟ କରାଇ ଅଫିସକୁ ଡକାଉଥିଲେ। ଏକ ନିଶୁଳ୍କ ଋଣ ମୁକ୍ତି ନେଇ ପ୍ରତିଶ୍ରୁତି ଦେଇ ଆସୁଥିଲେ ବୋଲି ଅଭିଯୋଗ ହୋଇଆସୁଥିଲା।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ



**ତିର୍ତ୍ତୋଲ,୪ା୧(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବୋଧେଇ ପଞ୍ଚାୟତ ଅନ୍ତର୍ଗତ ନୂଆପୋଖରୀସ୍ଥିତ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ସ୍ଥାୟୀ ସଭାପତି ଡ.ରବୀନ୍ଦ୍ର କୁମାର ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ପଦ୍ମଚରଣ ବିଶ୍ୱାଳ ଓ ସମ୍ପାଦକ ବିଷ୍ଣୁପ୍ରସାଦ କାନୁନଗୋ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ନିଜସ୍ୱ କାର୍ଯ୍ୟାଳୟ ଗୃହ ନିର୍ମାଣର ଆବଶ୍ୟକତା ଓ ଆଗାମୀ ସାଧାରଣତନ୍ତ୍ର ଦିବସ ପାଳନ ସମ୍ବନ୍ଧରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିଲା। କୋଷାଧ୍ୟକ୍ଷ ହେମନ୍ତ କୁମାର ବର୍ଦ୍ଧନ ସଭ୍ୟମାନଙ୍କଠାରୁ ପ୍ରାପ୍ତ ଅର୍ଥର ବିନିଯୋଗ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଥିବା ସଂଘର ବାର୍ଷିକୋତ୍ସବ ସରସ ସୁନ୍ଦର କରିବାକୁ ସଦସ୍ୟା ସଂଯୁକ୍ତା ପ୍ରହରାଜ, ବୃନ୍ଦାବନ ତାରେଣିଆ, ଗୋପାଳ ଚରଣ ପଟ୍ଟନାୟକ, ନିରଞ୍ଜନ ବିଶ୍ୱାଳ, ମହେନ୍ଦ୍ର କୁମାର ଯୋଗଣିଆ, ଶରତ ଚନ୍ଦ୍ର ସେଠୀ, ଜଗନ୍ନାଥ ଦାଶ, ସୁରେଶ ଚନ୍ଦ୍ର ଯୋଗଣିଆ, ନିମାଇଁ ଚରଣ ଖଟୁଆ, ନିମାଇଁ ଚରଣ କାନୁନଗୋ, ଗୋବିନ୍ଦଚନ୍ଦ୍ର ପଣ୍ଡା, ନରୋତ୍ତମ ସେଠୀ ପ୍ରମୁଖ ନିଜସ୍ୱ ମତ ରଖିଥିଲେ।

## ବିଦ୍ୟାଭାରତୀରେ ଆଲୋଚନାଚକ୍ର

# 'ଶିକ୍ଷା ଜୀବିକା ପାଇଁ ନୁହେଁ, ଜୀବନ ପାଇଁ'



**କୁଜଙ୍ଗ,୪ା୧(ସମିସ):** ଆଜିର ସମୟରେ ଅଧିକ ମାର୍କ ରଖିଥିବା ଛାତ୍ର ଜୀବନର କିମ୍ବା ଶିକ୍ଷାର ମୂଳ ଉଦ୍ଦେଶ୍ୟ ବୁଝୁନାହାନ୍ତି। ମାତ୍ର କେତେଟା ନମ୍ବର କମି ଯାଉଥିବାରୁ ସେମାନେ ଜୀବନର ଚରମ ନିଷ୍ପତ୍ତି ନେବାକୁ ପଛାଉନାହାନ୍ତି। ମାତ୍ର ଯେଉଁମାନେ ବିଭିନ୍ନ ପରୀକ୍ଷା କିମ୍ବା ଚାକିରି ପାଇଁ ଉଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେଉଛନ୍ତି ସେମାନେ ନିଜ ପିତାମାତା, ପରିବାର ପରିଜନ ଏପରକି ଦେଶକୁ ଭୁଲିଯାଉଛନ୍ତି। ଏହା ଶିକ୍ଷାର ମୂଳ ଉଦ୍ଦେଶ୍ୟ ନୁହେଁ। ଶିଖିବା ପାଇଁ ସ୍କୁଲକୁ ଯିବା ଓ ସେବା କରିବା ପାଇଁ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଯିବା ଶିକ୍ଷାର ବାସ୍ତବ ରୂପ ଅର୍ଥାତ ଜୀବିକା ପାଇଁ ନୁହେଁ ବରଂ ଜୀବନ ପାଇଁ ବୋଲି ପଙ୍କପାଳ ସ୍ଥିତ ବିକେସିଏମ୍ ସ୍କୁଲ ବିଦ୍ୟାଭାରତୀରେ ପ୍ରତିଷ୍ଠାତା ଚୌଧୁରି ପଦ୍ମନାଭ ମିଶ୍ରଙ୍କ ୬୮ ତମ ଜନ୍ମଜୟନ୍ତୀ ଉପଲକ୍ଷେ ଆହୁତ ବାର୍ଷିକ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ବିଦ୍ୟାଭରତୀର ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ସାଂସଦ ଡାକ୍ତର କୂଳମଣି ସାମଲ ଯୋଗଦେଇ ନିଜ ପିତା, ମାତା ଓ ଗୁରୁଜନଙ୍କୁ ନଭୁଲି ସତ୍ୟନିଷ୍ଠ ହୋଇ ଶ୍ରଦ୍ଧାର ସହ ନିଜର ବୃତ୍ତିଗତ କାର୍ଯ୍ୟ କରି ସମାଜରେ ଆଦର୍ଶ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ କୂଳମଣି ସାହୁ, ଚୌଧୁରୀ ପଦ୍ମନାଭ ମିଶ୍ର, ସେବା ନିବୃତ୍ତ ବ୍ୟାଙ୍କ୍ ଅଧିକାରୀ ରଜତ କୁମାର ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଂଘ ପଙ୍କପାଳର ସଭାପତି କ୍ୟାପେଟନ୍ ଅଜୟ ଖୁଣ୍ଟିଆ, ଇଂରାଜୀ ଅଧାପକ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଆଲୋଚନାରେ ଭାଗନେଇଥିବା ବେଳେ ବିଦ୍ୟାଳୟର ଗୁରୁମା ନଳିନୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ ଓ ଗୁରୁଜୀ ଅମୀୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା

ମାର୍ଶାଘାଇ,୪ା୧(ସମିସ): ବୁଧବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କୁହୁଡି ଗ୍ରାମପଞ୍ଚାୟତ ଠାଉରୀଠାରେ ଓ ଅଙ୍ଗୁଳାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଙ୍ଗୁଳାଇ ସରପଞ୍ଚ ମଙ୍ଗରାଜ ବେହେରା, ବରିଷ୍ଠ ନେତା ବିଷ୍ଣୁ ପ୍ରସାଦ ଦାସ, ଦୁର୍ଗା ପ୍ରସନ୍ନ ନାୟକ, ସଂଜୟ ରଥ, ପ୍ରଶାନ୍ତ ସେଠୀ, ରାଜଲକ୍ଷ୍ମୀ ଦାସ, ଶିଲୁ ପ୍ରସାଦ ମହାରଣା, ବିକ୍ରମ ରାଉତରାୟ, ମହେନ୍ଦ୍ର ଦାସ, ସୁକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭଙ୍କ ଜୟନ୍ତୀ



**ମାର୍ଶାଘାଇ,୪ା୧(ସମିସ):** ମାର୍ଶାଘାଇ ବ୍ଲକ ଅଙ୍ଗୁଳାଇ ମଧୁସାଗର ବିଦ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମ ରାଜ୍ୟପାଳ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚିନ୍ତାମଣିଗୁରୁଜୀ, ରୁକ୍ମିଣୀ ଦେବୀ ସ୍ମାରକୀ ନ୍ୟାସ ଓ ମଧୁସାଗର ବିଦ୍ୟାଳୟ ମିଳିତ ସହଯୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପଟ୍ଟନାୟକ ଜୟନ୍ତୀ ପାଳିତ ହୋଇଥିଲା। ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଟ୍ରଷ୍ଟବୋଡର୍ ସଦସ୍ୟ ମାନଙ୍କ ପକ୍ଷରୁ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସର୍ବଧର୍ମ ପ୍ରାର୍ଥନାରେ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁଧିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ମୋ'ସ୍କୁଲ କମିଟ୍ ସଭାପତି ଭ୍ରମର ରାଉତ ଯୋଗଦେଇ ମଧୁସାଗର ବିଦ୍ୟାପୀଠ ପ୍ରତି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭଙ୍କ ଅବଦାନ ସ୍ମରଣୀୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦ୍ୱିବେଦୀ, ଗୀତାଞ୍ଜଳି ସାମଲ, ରଶ୍ମିରେଖା ମହାପାତ୍ର, ମାଧବିକା ସାହୁ, ସୁନିତା ମହାନ୍ତି, ଯଦୁମଣି ପରିଡ଼ା, ବୈଷ୍ଣବ ଖଣ୍ଡୁଆ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ମାଧୁରୀ ଭଦ୍ର ଧନ୍ୟବାଦ ଅର୍ପଣକରିଥିଲେ।

# ଆଇନସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ କର୍ମଶାଳା

**କେନ୍ଦ୍ରାପଡ଼ା,୪ା୧(ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆଇନ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଏକ ଦିନିକିଆ ସଚେତନତା କର୍ମଶାଳା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନୀତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପ୍ରଶିକ୍ଷକ ଡା. ଦେବରାଜ ପାଣିଗ୍ରାହୀ ଯୋଗଦେଇ ଆଇନଗତ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ସମ୍ବନ୍ଧରେ ବିଶଦ ଆଲୋଚନା କରିଥିଲେ। ସେହିପରି ଆନୁଷ୍ଠାନିକ ସେବା, କିଶୋର ନ୍ୟାୟ ଆଇନ ଓ ପୋଷ୍ୟ ସନ୍ତାନ ଗ୍ରହଣ ନିୟମାବଳୀ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜିଲ୍ଲାର ସ୍ୱାସ୍ଥ୍ୟ କର୍ମୀ (ମହିଳା ଓ ପୁରୁଷ), ସ୍ୱାସ୍ଥ୍ୟ ସହାୟକ, ଶିଶୁ ଯତ୍ନ ଅନୁଷ୍ଠାନ, ଜାଗୃତି ଗୃହର କର୍ମକର୍ତ୍ତା ଓ ୱାନ୍ ଷ୍ଟପ୍ ସେଣ୍ଟର୍ (ସଖି)ର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ଏଥିରେ ଭାଗ ନେଇଥିଲେ। ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଡା. ନୃପେନ କୁମାର ଶତପଥୀ ଓ କୃଷ୍ଣଚନ୍ଦ୍ର ଲୋହା ଯୋଗ ଦେଇ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଶିଶୁଙ୍କ ପ୍ରତି ହୋଇଥିବା ଅବିଚାର, କୁପୋଷଣ ଓ ସୁରକ୍ଷା ଦିଗ ପ୍ରତି ଆଲୋକପାତ କରିବା ସହ ପ୍ରତ୍ୟେକ ବର୍ଗର ନାଗରିକଙ୍କ ସଚେତନତାର ଆବଶ୍ୟକ ରହିଛି ବୋଲି ଗୁରୁତ୍ୱରୋପ କରିଥିଲେ। ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟକେତନ ସାହୁ ପୌରୋହିତ୍ୟ କରିଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପରେ ପର୍ଯ୍ୟଟକଙ୍କ ଭିଡ଼

# ବନ୍ଦରବୁଲା ସହ ବୋଟିଂକୁ ପ୍ରାଥମିକତା

ପାରାଦୀପ, ୪ା୧ (ସମିସ)



- ପଲିଥିନ ବ୍ୟବହାର ନ କରିବାକୁ ପୌର ପ୍ରଶାସନର ତାଗିଦ୍
- ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ମନ୍ନତ ଉଦ୍ୟାନରେ ବଣଭୋଜି

ପାରାଦୀପରେ ଏବେ ଭିଡ ଜମାଇଲେଣି ପର୍ଯ୍ୟଟକ। ପାରାଦୀପ ବନ୍ଦର ବୁଲିବା ସହିତ ଏହା ମଧ୍ୟରେ ଥିବା ପର୍ଯ୍ୟଟନସ୍ଥଳୀ ଗୁଡିକରେ ଅସମ୍ଭାଳ ଭିଡ ହେଲାଣି। ପର୍ଯ୍ୟଟନ ଋତୁକୁ ନେଇ ଚଳଚଞ୍ଚଳ ହୋଇଉଠିଛି ପାରାଦୀପର ବିଭିନ୍ନ ଅଞ୍ଚଳ। ମୁଖ୍ୟତଃ ଲାଇଟ୍‌ହାଉସ, ୫ ନମ୍ବର ଗେଟ ଓ ନେହେରୁବଙ୍ଗଳା ଅଞ୍ଚଳକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଛୁଟି ଆସୁଛନ୍ତି ହଜାର ହଜାର ପର୍ଯ୍ୟଟକ। ବଙ୍ଗୋପସାଗରର ନୀଳ ଜଳରାଶି, ପଥରବନ୍ଧ, ପାରାଦୀପ ବନ୍ଦର ବୁଲିବା ସହିତ ମନ୍ନତ ଉଦ୍ୟାନରେ ବଣଭୋଜିର ମଜା ପର୍ଯ୍ୟଟକଙ୍କୁ ଟାଣି ଆଣୁଛି ପାରାଦୀପକୁ।

ଦୈନନ୍ଦିନ ଏଠାକୁ ଛୁଟି ଆସୁଛନ୍ତି ଓଡିଶା ତଥା ଓଡିଶା ବାହାରୁ ହଜାର ହଜାର ପର୍ଯ୍ୟଟକ। ବଙ୍ଗୋପସାଗର ମିଳନସ୍ଥଳୀ ନେହେରୁ ବଙ୍ଗଳା ପଥରବନ୍ଧ ପାଲଟିଛି ସେଲ୍‌ଫି ପଏଣ୍ଟ। ଲାଇଟହାଉସ, ବାଲିଯାତ୍ରା ବେଳାଭୂମିର ମଜା ନେବା ସହିତ ପାରାଦୀପ ବନ୍ଦରରେ ଜାହାଜ ଦେଖିବା ଓ ମନ୍ନତ ଉଦ୍ୟାନରେ ବଣଭୋଜି ପାଇଁ ଲାଗୁଛି ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାକୁ ନେହେରୁ ବଙ୍ଗଳାରେ ଆରମ୍ଭ କରିଥିବା ବୋଟିଂ ଆଜି ପର୍ଯ୍ୟଟକ ମାନଙ୍କ ପ୍ରମୁଖ ଆକର୍ଷଣ ପାଲଟିଛି। ସେଫଟି ଜ୍ୟାକେଟ ପିନ୍ଧାଇ ନିଜ ହେପାଜତରେ ପର୍ଯ୍ୟଟକଙ୍କୁ ମହାନଦୀରେ ବୁଲାଉଛନ୍ତି ସମ୍ପୃକ୍ତ ଯୁବକ।

ଚଳିତବର୍ଷ ପର୍ଯ୍ୟଟନ ଋତୁରେ ଅଞ୍ଚଳର ପର୍ଯ୍ୟଟନସ୍ଥଳୀମାନଙ୍କରେ ଏକ ନୂଆ ଅଭିଯାନ ଆରମ୍ଭ କରିଛି ପାରାଦୀପ ପୌର ପ୍ରଶାସନ। ପର୍ଯ୍ୟଟନସ୍ଥଳୀରେ ପଲିଥିନ ବ୍ୟବହାରକୁ ବର୍ଜନ କରିବାକୁ ଆହ୍ୱାନ ଦେଇଛି। ଯାହାକୁ ସାକାର କରିବାରେ ସହଯୋଗ କରୁଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ଆସୁଥିବା ପର୍ଯ୍ୟଟକମାନଙ୍କୁ ପଲିଥିନ ବ୍ୟବହାର ନ କରିବାକୁ କହିବା ସହ କିପରି ବଣଭୋଜି ସ୍ଥାନ ସଫାସୁତୁରା ରଖାଯାଇପାରିବ ମହିଳାମାନେ ସଚେତନତା ଚଳାଇଛନ୍ତି।

# ସମାଜସେବିକାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ପାରାଦୀପ, ୪ା୧(ସମିସ):** ସମାଜସେବିକା ଆଶାଲତା ଦେବୀଙ୍କ ଗତ ୨୩ ତାରିଖରେ ଦେହାନ୍ତ ହୋଇଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ତାଙ୍କ ଏକାଦଶାହରେ ପାରାଦୀପ ବ୍ରହ୍ମାକୁମାରୀ ସେବା କେନ୍ଦ୍ରଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଏଥିରେ ସେବା କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମ କୁମାରୀ ସୁମନ ଭଉଣୀ, ସାଗରିକା ଭଉଣୀ, ରମା, ତୃପ୍ତି, ପ୍ରଭା, ଅଧ୍ୟାପକ ବ୍ରହ୍ମ କୁମାର କାହ୍ନୁ ଭାଇ, ଗୋପାଳ ଭାଇ, ଅଜୟ ଭାଇ ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସେବା କେନ୍ଦ୍ରରୁ ଶତାଧିକ ଭାଇ ଓ ଭଉଣୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଶାଲତା ଦେବୀ ୨୦୦୧ରୁ ବ୍ରହ୍ମା କୁମାରୀ ଆଶ୍ରମରେ ରାଜଯୋଗରୁ ସାଧନା ଓ ସେବା କରିଆସୁଥିଲେ। ପାରାଦୀପ ସେବା କେନ୍ଦ୍ର ସହିତ କୁଜଙ୍ଗ, ରାହାମା, ଏରସମା ଓ ଜଗତସିଂହପୁର ଆଦି ସ୍ଥାନରେ ଈଶ୍ୱରୀୟ ସେବାରେ ସହଯୋଗ କରିଆସୁଥିଲେ।

# ଧୁଡ଼ି ନୂଆଗାଁ - ସୁରଗୁଜା ରାସ୍ତା ମରଣଯନ୍ତା

## ● ପ୍ରଶାସନ ଓ ଜନପ୍ରତିନିଧିଙ୍କ ଅବହେଳା ଅଭିଯୋଗ

**ବାଲିଶଙ୍କରା, ୪।୧(ସମିସ):** ରାସ୍ତା ଅଛି ସତ କିନ୍ତୁ ଯିବା ଆସିବା ସମ୍ଭବ ହେଉନାହିଁ। ଖାଲଖମା ପରିପୂର୍ଣ୍ଣ ରାସ୍ତାରେ ପଥଚାରୀ ଠାରୁ ଦୁଇ ଚକିଆ ଯାନବାହାନ ଯିବା ମୁସ୍କିଲ। ସୁରଗୁଜା



ଗ୍ରାମବାସୀଙ୍କ ରାସ୍ତା ସାତସପନ ପାଲିଟିଥିବା ନେଇ ଗୁରୁତର ଅଭିଯୋଗ ହେଉଛି। ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ରାମପୁର ପଞ୍ଚାୟତର ଧୁଡ଼ି ନୂଆଗାଁରୁ ସୁରଗୁଜା ଗ୍ରାମକୁ ଯିବା ରାସ୍ତା ମରଣଯନ୍ତା ପାଲିଟିଛି। ଗାଁରୁ ସହରକୁ ଯିବା ଆସିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ଜନସାଧାରଣଙ୍କର ସମସ୍ୟା ଦୂର କରୁଥିବାବେଳେ କିନ୍ତୁ ଏଠାରେ ତାର ବାସ୍ତବ ଚିତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଗ୍ରାମରେ ୪୦ ପରିବାରର ୨୦୦ରୁ ଅଧିକ ଜନସାଧାରଣ ବସବାସ କରୁଛନ୍ତି। ନିତ୍ୟଦିନ ଏହି ରାସ୍ତା ଦେଇ ଡାକ୍ତରଖାନା, ତହସିଲ, ବ୍ଲକ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟକୁ ଯିବା ଆସିବା କରିଥାନ୍ତି। ବିଶେଷ କରି ୧୦୮ ଆମ୍ବୁଲାନ୍ସ ଗାଡି ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନାକୁ ପ୍ରସବ କରିବା ପାଇଁ ନେବା ସମୟେ ବହୁତ ବିପଦରେ ନେବାକୁ ପଡ଼ିଥାଏ। ପଞ୍ଚାୟତ, ବ୍ଲକ, ଜିଲ୍ଲାପ୍ରଶାସନ ଠାରୁ ବିଧାୟକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ସୁରଗୁଜାବାସୀ। କେହି କର୍ଣ୍ଣପାତ କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ନିର୍ବାଚନ ସମୟରେ ଜନପ୍ରତିନିଧି ବିଭିନ୍ନ ଦଳର ପ୍ରାର୍ଥୀ ଆସି ବିଭିନ୍ନ ପ୍ରଲୋଭନ ଦେଖାଇ ଭୋଟ ନେଇ ରାସ୍ତା ନିର୍ମାଣ କରିଦେବୁ କହି ଜିତିଗଲା ପରେ ଆଉ ଦେଖା ନାହିଁ। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କ ଅବହେଳା ଓ କାର୍ଯ୍ୟ କରିବାର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସୁରଗୁଜା ଗ୍ରାମବାସୀଙ୍କ ରାସ୍ତା ସାତସପନ ପାଲିଟିଛି। ଏହି ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ ସତ୍ୟବାନ ମହାଜନଙ୍କୁ ଫୋନ ଯୋଗେ ପ୍ରତିକ୍ରିୟା ନେବା ସମ୍ଭବପର ହୋଇ ନ ଥିଲା। ଜିଲ୍ଲାପାଳ ରାସ୍ତା ନିର୍ମାଣପାଇଁ ପଦକ୍ଷେପ ନେବା ପାଇଁ ସୁରଗୁଜାବାସୀଙ୍କ ଦାବି କରିଛନ୍ତି।

# '୫-ଟି' ଅଧ୍ୟକ୍ଷଙ୍କ ସମଲେଇ ମନ୍ଦିର ପରିଦର୍ଶନ





## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ସୁନ୍ଦରଗଡ଼, ୪।୧(ସମିସ)**

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଗସ୍ତର ଦ୍ୱିତୀୟ ଦିନରେ ଗୁରୁବାର ସୁନ୍ଦରଗଡ଼ ସମଲେଇ ମନ୍ଦିର ପରିଦର୍ଶନ କରିଛନ୍ତି। ଶ୍ରୀ ପାଣ୍ଡିଆନ ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ମନ୍ଦିରରେ ପହଞ୍ଚିବା ପରେ ପ୍ରଥମେ ମା'ଙ୍କ ପୂଜାର୍ଚ୍ଚନା କରି ଆଶିଷ କାମନା କରିଥିଲେ। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ୫-ଟି ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରା ଯାଇଥିଲା। ମା'ଙ୍କ ଦର୍ଶନ ପରେ ସେ ଉକ୍ତମନ୍ଦିରର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ୧.୪୦ କୋଟି ଟଙ୍କା ସ୍ୱତନ୍ତ୍ର ସହାୟତା ରାଶିରେ ହେଉଥିବା କାର୍ଯ୍ୟନିର୍ବାହୀ ସଂସ୍ଥା ସୁନ୍ଦରଗଡ଼ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ୫-ଟି ସଚିବଙ୍କୁ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅବଗତ କରିଥିଲେ। ଉକ୍ତ ପ୍ରକଳ୍ପରେ କମ୍ୟୁନିଟୀ ହଲ୍, ପାରିଶ୍ୱରିକ ଉନ୍ନୟନ, ମନ୍ଦିରକୁ ଲାଗି ରହିଥିବା ଇବ୍ ନଦୀ କୂଳ ଉନ୍ନୟନ, ମନ୍ଦିର ଉନ୍ନତିକରଣ ଆଦି ରହିଛି। କମ୍ୟୁନିଟୀ ହଲ ନିର୍ମାଣ କାର୍ଯ୍ୟ ସମାପ୍ତ ହେବାକୁ ବସିଥିବା ବେଳେ ବାକି କାମ ସବୁ ଆସନ୍ତା ଫେବୃଆରୀ ମାସ ସୁଦ୍ଧା ସାରିବାକୁ ଯୋଜନା କରା ଯାଇଥିବା ନିର୍ବାହୀ ଯନ୍ତ୍ରୀ ଇଂ ପଟେଲ ସୂଚନା ଦେଇଥିଲେ। ମନ୍ଦିର ପ୍ରାଙ୍ଗଣରେ ୫-ଟି ଅଧ୍ୟକ୍ଷ ଲୋକଙ୍କ ଠାରୁ ଆପତ୍ତି ଅଭିଯୋଗ ସିଧାସଳଖ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗଭାଲି, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ମନୋଜ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ। ୫-ଟି ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ସ୍ଥାନୀୟ ସର୍କିଟ ହାଉସରେ ରାତ୍ରିଯାପନ କରିବାପରେ ପୂର୍ବାହ୍ନ ୧୧ଟାରେ ମନ୍ଦିର ପରିଦର୍ଶନ ପାଇଁ ଆସିଥିଲେ। ଏହାପରେ ସେ ରିଜର୍ଭ ପୁଲିସ ପଡ଼ିଆର ଅସ୍ଥାୟୀ ହେଲିପେଡରୁ ହେଲିକପ୍ଟର ଯୋଗେ ରାଜଗାଙ୍ଗପୁର ଯାତ୍ରା କରିଥିଲେ।

## ● ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟିକର ଯୋଜନାରେ ପୁରୁଣାଦରରେ ଅଣ୍ଡା

# ପୁନର୍ବିଚାର ପାଇଁ ଅଙ୍ଗନବାଡ଼ି କର୍ମୀଙ୍କ ଅନୁରୋଧ

**ସୁନ୍ଦରଗଡ଼, ୪।୧(ସମିସ):** ଶିଶୁ, କିଶୋରୀ, ଗର୍ଭବତୀ ଓ ପ୍ରସୂତୀଙ୍କ ପୁଷ୍ଟିସାଧାନକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜ' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ୧୫ରୁ ୧୯ ବର୍ଷ ବୟସର କିଶୋରୀ ବାଳିକାଙ୍କୁ ପୁଷ୍ଟି ସହାୟତା ସହିତ ଗର୍ଭବତୀ ମହିଳା ଓ ପ୍ରସୂତୀ ମାଁ ମାନଙ୍କ ପାଇଁ ଅଧିକ ଶୃଙ୍ଖଳା ଖାଦ୍ୟର ବ୍ୟବସ୍ଥା, ଅତିଶୟ ପୁଷ୍ଟିହୀନ ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ଆହାର, ମଧ୍ୟମ ପୁଷ୍ଟିହୀନ ପିଲା ଏବଂ ଅତିଶୟ କମ ଓଜନର ପିଲାମାନଙ୍କ ପାଇଁ ଭିଟାମିନଯୁକ୍ତ ଛତୁଆ ଓ ଅଣ୍ଡା ପ୍ରଦାନର ବ୍ୟବସ୍ଥା ରହିଛି। ଅଙ୍ଗନବାଡି କର୍ମୀଙ୍କ ମାଧ୍ୟମରେ ଉକ୍ତ ଯୋଜନା କାର୍ଯ୍ୟକାରୀ କରା ଯାଇଛି। ତେବେ ଉକ୍ତ ଯୋଜନାରେ ଅଣ୍ଡା ପ୍ରତି ଦର ପାଞ୍ଚ ଟଙ୍କା ରହିଛି। ତେବେ ବଜାରରେ ପାଞ୍ଚ ଟଙ୍କାରେ ଅଣ୍ଡାରେ ମିଳୁ ନ ଥିବାରୁ ଅଙ୍ଗନବାଡି କର୍ମୀ ମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଭିନ୍ନ କର୍ମୀ ସଙ୍ଗଠନ ପକ୍ଷରୁ ବିଭାଗୀୟ ସଚିବଙ୍କୁ ଏହାର ପୁନର୍ବିଚାର ପାଇଁ ଅନୁରୋଧ ଜଣାଇବାରେ ଲାଗିଛନ୍ତି। ଏ କ୍ରମରେ ଅଲ ଓଡ଼ିଶା ଅଙ୍ଗନବାଡି ଲେଡିଜ ଓର୍କରସ ଏସୋସିଏସନର ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦିକା ବିମଳା ଲାକ୍ରା ମହିଳା ଓ ଓଡ଼ିଶା ସରକାରଙ୍କ ଶିଶୁ ବିକାଶ ବିଭାଗ ସଚିବଙ୍କ ନିକଟକୁ ପୁନର୍ବିଚାର ପାଇଁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ମାଧ୍ୟମରେ ସଚିବଙ୍କୁ ଅନୁରୋଧ ଉପତ୍ର ପଠାଇଛନ୍ତି। ସେହିପରି ସୁନ୍ଦରଗଡ଼ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କ ସୁନ୍ଦରଗଡ଼ ଗସ୍ତ ସମୟରେ ମଧ୍ୟ କେତେକ ବ୍ଲକସ୍ତରୀୟ ସଙ୍ଗଠନ ପକ୍ଷରୁ ଏ ନେଇ ତାଙ୍କୁ ସ୍ମାରକ ପତ୍ର ପ୍ରଦାନ କରା ଯାଇଛି। ପାଞ୍ଚ ବର୍ଷ ତଳେ ଧାର୍ଯ୍ୟ କରା ଯାଇଥିବା ଅଣ୍ଡାର ମୂଲ୍ୟ ଆଜି ପର୍ଯ୍ୟନ୍ତ ବଜାର ଦର ଅନୁସାରେ ବୃଦ୍ଧି କରା ଯାଇନାହିଁ। ଫଳରେ ପୁରୁଣା ବ୍ୟବସ୍ଥା ଅନୁଯାୟୀ, ଅଣ୍ଡା ବଣ୍ଟନ କରିବା ଏବଂ ଗରମ ରନ୍ଧା ଖାଦ୍ୟରେ ପାଞ୍ଚ ଦିନ ଅଣ୍ଡା ରାନ୍ଧି ଶିଶୁମାନଙ୍କୁ ପ୍ରଦାନ କରିବାରେ ଅଙ୍ଗନବାଡ଼ି କର୍ମୀଙ୍କୁ ଅସୁବିଧା ହେଉଛି। ଅଥଚ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ସେହି ପୂର୍ବ ମୂଲ୍ୟରେ ହିଁ କିଶୋରୀ ବାଳିକାଙ୍କୁ ମାସିକ୧୬ଟି ଲେଖାଏଁ ଅଣ୍ଡା ବଣ୍ଟନ ନିମନ୍ତେ ନିର୍ଦ୍ଦେଶ ଥିବାରୁ କର୍ମୀମାନଙ୍କ ଉପରେ ଆର୍ଥିକ ବୋଝ ଅଧିକରୁ ଅଧିକ ବଢ଼ିବାରେ ଲାଗିଛି। କର୍ମୀମାନଙ୍କୁ ବହୁ ମାନସିକ ଚାପର ଶିକାର ହେବାକୁ ପଡୁଛି ବୋଲି ଏଥିରେ ଦର୍ଶା ଯିବା ସହିତ ଏହାର ପୁନର୍ବିଚାର ପୂର୍ବକ ଅଣ୍ଡା ଦରକୁ ବଜାର ଦର ହିସାବରେ ବୃଦ୍ଧି କରିବାକୁ ଅନୁରୋଧ କରା ଯାଇଛି।

# ମରଣଯନ୍ତା ପାଲଟିଛି ଦଳକି ଶଙ୍ଖନଦୀ ସେତୁ

**କୁତ୍ରା, ୪।୧(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ରାଜ୍ୟ ରାଜପଥ-୧୦ରେ ରାଞ୍ଚିରୋଡରୁ କୁତ୍ରା ବ୍ଲକ ଓ କୁଆଁରମୁଣ୍ଡା ବ୍ଲକ ମଧ୍ୟରେ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟକୁ ସଂଯୋଗ କରୁଥିବା ଦଳକିଠାରେ ଶଙ୍ଖନଦୀ ଉପରେ ଥିବା ସେତୁର ଅବସ୍ଥା ଠିକ ନ ଥିବାରୁ ଏହା ମରଣଯନ୍ତା ପାଲଟିଯାଇଛି। ଏହି ସେତୁଟି ସୁନ୍ଦରଗଡ଼ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ଦୁଇଟି ବ୍ଲକ କୁତ୍ରା ଓ କୁଆଁରମୁଣ୍ଡାକୁ ସଂଯୋଗ କରୁଥିବାବେଳେ ଏହା ଝାଡ଼ଖଣ୍ଡ ଓ ଓଡ଼ିଶାକୁ ମଧ୍ୟ ସଂଯୋଗ କରୁଥିବାରୁ ଏହାକୁ ସୀମାନ୍ତ ଅଞ୍ଚଳର ଜୀବନ ରେଖା ବୋଲି କୁହାଯାଇଥାଏ। ମାତ୍ରା ଏହି ଜୀବନ ରେଖା କୁହାଯାଉଥିବା ସେତୁଟି ଅତି ଜର୍ଜରିତ ଅବସ୍ଥାରେ ପଡ଼ିରହିଛି। ସେତୁ ନିର୍ମାଣ ହେବା ଦିନଠାରୁ ଏହାର କୌଣସି ମରାମତି କାମ କରାଯାଇ ନାହିଁ। ଏହି ସେତୁ ଉପରେ ଦିନ ତମାମ ଶହଶହ ଯାନବାହାନ ଚଳାଚଳ କରୁଛି। କିଛିଦିନ ହେବ ସେତୁ ଉପରେ ବିଭିନ୍ନ ଜାଗାରେ ବଡ଼ବଡ଼ ଗାତ ସୃଷ୍ଟି ହେବି ସହିତ କଂକ୍ରିଟ ଭାଙ୍ଗି ରଡ୍‌ଗୁଡିକ ପଦାକୁ ବାହାରି ଯାଇଛି। ଫଳରେ ସେତୁଉପରେ ପ୍ରତିଦିନ ବହୁ ଦୁର୍ଘଟଣା



ଘଟୁଥିବା ସହିତ ବହୁ ଜୀବନ ହାନି ହେଉଥିବାର ଦେଖିବାକୁ ମିଳୁଛି। ଯଦି ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଶୀଘ୍ର ପଦକ୍ଷେପ ନେଇ ସେତୁଟିର ମରାମତି ନ କରନ୍ତି ତାହେଲେ କିଛି ବର୍ଷ ମଧ୍ୟରେ ସେତୁଟି ଭୁଶୁଡ଼ି ଯିବାର ସମ୍ଭାବନା ରହିଛି।

ସୂଚନାଯୋଗ୍ୟ ଯେ ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ଭାରୀଯାନ ଚଳାଚଳ ହେଉଥିବାରୁ ରାସ୍ତା ଓ ସେତୁଟି ଖରାପ ହୋଇଥିଲା, ତେଣୁ ଅଞ୍ଚଳବାସୀ ବହୁବାର ରାସ୍ତା ଓ ସେତୁ ମରାମତି ପାଇଁ ରାସ୍ତା ଅବରୋଧ ସହ ଆନ୍ଦୋଳନ କରିଥିଲେ। ସେହି ସମୟରେ ଲୋକଙ୍କୁ ଶାନ୍ତ୍ୱନା ଦେବା ପାଇଁ ନାମ ମାତ୍ରା ରାସ୍ତାର ବିଭିନ୍ନ ଜାଗା ଓ ସେତୁ ମରାମତି କରାଯାଇଥିଲା। ତେଣୁ ଅତିଶୀଘ୍ର ପଦକ୍ଷେପ ନେଇ ସେତୁଟିର ମରାମତି କାର୍ଯ୍ୟ ଆରମ୍ଭ କରିବାପାଇଁ ସ୍ଥାନୀୟ ସମାଜସେବୀ ରାମଚନ୍ଦ୍ର ଅମାତ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଏ ତେବେ ଅଞ୍ଚଳବାସୀ ପୁଣି ରାସ୍ତା ଅବରୋଧ କରିବା ସହିତ ଆନ୍ଦୋଳନ କରିବେ ବୋଲି ଜାଣିବାକୁ ମିଳିଛି।

# ରାସାୟନିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼, ୪।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ



ଅଧ୍ୟକ୍ଷତାରେ ଏନଡିଏମ୍‌ଏ ଏବଂ ଓସ୍‌ଡମାର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ରାସାୟନିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସ୍ମୃତି ସୌମ୍ୟା ଦାସଙ୍କ ସହ ଜିଲ୍ଲାର ବରିଷ୍ଠ ଅଧିକାରୀ ଓ ଇଣ୍ଡଷ୍ଟ୍ରି ର ଅଧିକାରୀମାନେ ଯୋଗଦେଇ ଥିଲେ। ଏସ୍‌ଡିଏମ୍‌ଏ ଅଧିକାରୀମାନେ ଅନଲାଇନ୍ ବୈଠକ ମାଧ୍ୟମରେ ଯୋଡ଼ିହୋଇ ଆସନ୍ତା ୧୧ ଜାନୁଆରୀରେ ହେବାକୁ ଥିବା ଆସନ୍ତା ୧୧ ଜାନୁଆରୀ ୨୦୨୪ ତାରିଖରେ ହେବାକୁ ଥିବା ମକ୍ ଏକ୍ସରସାଇଜ ବିଷୟ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିବାବେଳେ ଓସ୍‌ଡମା ଅଧିକାରୀମାନେ ଯୋଜନା ପ୍ରସ୍ତୁତ କରିଥିଲେ। ରାସାୟନିକ ବିପର୍ଯ୍ୟୟ ସମୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକର ସହଯୋଗିତା ମୁଖ୍ୟ ପ୍ରସଙ୍ଗ ଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆସନ୍ତା ୬ ତାରିଖରେ ପ୍ରସ୍ତୁତି ବୈଠକ, ୯ ତାରିଖରେ ଟେବୁଲ ଏକ୍ସରସାଇଜ୍ ଓ ୧୧ ତାରିଖରେ ମକ୍ ଏକ୍ସରସାଇଜ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ଓସ୍‌ଡମା ପ୍ରକଳ୍ପ ଅଧିକାରୀ ସୁଜାତା ତିର୍କୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରଗଡ଼ ସରକାରୀ ମହିଳା କଲେଜରେ ସଡ଼କ ସୁରକ୍ଷା ସଚେତନତା

**ସୁନ୍ଦରଗଡ଼, ୪।୧(ସମିସ):** ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜାନୁଆରୀ ୧ରୁ ୭ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରା ଯାଉଛି। ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି। ଏ କ୍ରମରେ ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଗୁରୁବାର ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଇନ୍ଦିରା ଗଡ଼ନାୟକ ଏଥିରେ ଅଧକ୍ଷତା କରି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସଚେତନତା ଓ ସତର୍କତା ହିଁ ସଡକ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ ବୋଲି କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସୁକାନ୍ତ କୁମାର ଦାଶ ଯୋଗଦେଇ ସଡକ ଦୁର୍ଘଟଣାର କାରଣ ଓ ନିରାକରଣ ସମ୍ପର୍କରେ ସୂଚନା ଦେବା ସହ ମୋଟର ଯାନ ଆଇନ ଓ ଟ୍ରାଫିକ ନିୟମର ଆନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିଭାଗରେ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକ ମାନେ ବିଶେଷ ଜ୍ଞାନ ଆହରଣ କରି ସାମାଜିକ ସ୍ତରରେ ସମସ୍ତଙ୍କୁ




ସଚେତନ କରିପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରୋଜେକ୍ଟର ମାଧ୍ୟମରେ ସଡକ ଦୁର୍ଘଟଣାକୁ ରୋକିବା ପାଇଁ ଏକ ସଚେତନତା ଧର୍ମୀ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା।ମୋଟର ଯାନ ନିରୀକ୍ଷକ ଦଲାନୀ ସା ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡକ୍ଟର ସଞ୍ଚିତା ଅଭିଜିତା ସ୍ୱାଗତ ଅଭିଭାଷଣ ଓ ଅଧ୍ୟାପକ ଡକ୍ଟର ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ 'ଯତରା'ର ଚତୁର୍ଥ ସନ୍ଧ୍ୟା....

# ହ୍ୟୁମାନ୍ ସାଗରଙ୍କ ଗୀତରେ ଝୁମିଲେ ଦର୍ଶକ





**ସୁନ୍ଦରଗଡ଼, ୪।୧(ସମିସ)**

୧୩ତମ ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ 'ଯତରା'ର ଚତୁର୍ଥ ସନ୍ଧ୍ୟା ଗୁରୁବାର ଶେଷ ହୋଇଛି। ଚତୁର୍ଥ ସନ୍ଧ୍ୟାରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସୁମଧୁରରେ ଦର୍ଶକ ଝୁମି ଉଠିଥିଲେ। ଚତୁର୍ଥ ଦିନରେ ରାଜଗାଙ୍ଗପୁର ବିଧାୟକ ଡ଼ା. ସି ଏସ୍. ରାଜେନ୍ ଏକ୍କା, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ, ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ଉପାଧକ୍ଷ ଲଳାଟେନ୍ଦୁ ପରିଡ଼ା, ଏମ୍‌ସିଏଲ. ବସୁନ୍ଧରାର ସାଧାରଣ ପ୍ରବନ୍ଧକ ପାଲେ ବୁଚି ରେଡ୍ଡୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଏବଂ ପୂର୍ବତନ ହକି ତାରକା ଲାଜ୍ରୁସ ବାର୍ଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ପଶ୍ଚିମ ବଙ୍ଗର ପୁରୁଲିଆ ଛଉ ନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ ଏବଂ ହ୍ୟୁମାନ ସାଗରଙ୍କ ଦ୍ୱାରା ତାରକା ରାତ୍ରି ଅନୁଷ୍ଠିତ ହୋଇଥିଲା। ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମନଭରି ଉପଭୋଗ କରିବା ସହିତ ପଲ୍ଲୀଶ୍ରୀ ମେଳାରେ ବିଭିନ୍ନ ପ୍ରକାର ସାମଗ୍ରୀର କ୍ରୟ କରିଥିଲେ। ସେହିପରି ଫୁଡ୍ କୋର୍ଟରୁ ବିଭିନ୍ନ ପ୍ରକାରର ବ୍ୟଞ୍ଜନର ମଜା ଉଠାଇଥିଲେ।

# ଶ୍ରମଦାନ ମାଧ୍ୟମରେ ସାମୂହିକ ସମ୍ପତ୍ତି ସୃଷ୍ଟି ଲକ୍ଷ୍ୟରେ ଭାରତୀ ଉତ୍ପାଦକ ଗୋଷ୍ଠୀ

**ସୁନ୍ଦରଗଡ଼, ୪।୧(ସମିସ):** ବାଲିଶଙ୍କରା ବ୍ଲକର ବି.କରୁଆବାହାଲ ଗ୍ରାମର ଭାରତୀ ଉତ୍ପାଦକ ଗୋଷ୍ଠୀ ନିଜ ଗ୍ରାମରେ ସାମୂହିକ ସମ୍ପତ୍ତି ସୃଷ୍ଟି ଲକ୍ଷ୍ୟରେ ରହିଛନ୍ତି। ଏଣୁ ଗ୍ରାମବାସୀଙ୍କ ସହଯୋଗରେ ଗୋଷ୍ଠୀ କର୍ମକର୍ତ୍ତା ସାମୂହିକ ଶ୍ରମଦାନ ଶିବିରର ଆୟୋଜନ କରି ଉଦାହରଣ ସାଜିଛନ୍ତି। ଏହି ଅବସରରେ ଗତମାସ ୨୧ ତାରିଖରୁ ବୁଧବାର ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ଏହି ଶ୍ରମଦାନ ଶିବିର ଚାଲିଥିଲା। ଏଥିରେ ଗ୍ରାମର ପ୍ରତିଘରୁ ଜଣେ ଲେଖାଏଁ ମହିଳା କିମ୍ବା ପୁରୁଷ ଯୋଗଦାନ କରି ଜଳବିଭାଜିକା ପାଇଁ ଜମି ମରାମତି, ଜମି ହିଡ ନିର୍ମାଣ ଆଦି କାର୍ଯ୍ୟ କରିଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା ସେବକର ମନୋଜ କୁମାର ଦାନୀ ଓ ଇଂ. ଅଭିଷେକ ତନ୍ତୀଙ୍କ ନେତୃତ୍ୱରେ ଗ୍ରାମରେ ଆୟୋଜିତ ସାମୂହିକ ବୈଠକରେ ଗ୍ରାମର ସାମଗ୍ରିକ ବିକାଶ ଓ ଜୀବନ ଜୀବିକାର ଉନ୍ନତି ନିମନ୍ତେ ଗ୍ରାମ୍ୟ ଜଳବିଭାଜିକା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ଭାରତୀ ଉତ୍ପାଦକ ଗୋଷ୍ଠୀ ଅନୁପ୍ରାଣିତ ହୋଇ ଗ୍ରାମର ସାମୂହିକ ସ୍ଥାନରେ ଶ୍ରମଦାନ ମାଧ୍ୟମରେ ବନୀକରଣ, ଅବସ୍ଥିତ ଜଳାଶୟର ପୁନରୁଦ୍ଧାର, ଚାଷ ଅନୁପଯୋଗୀ ଜମିରେ କୃଷି ଉପଯୋଗୀ ଜମିରେ ପରିଣତ କରିବା ଦିଗରେ ପଦକ୍ଷେପ ନେଇଥିଲେ। ଆଗାମୀ ଦିନରେ ଜଳ ବିଭାଜିକା ପ୍ରକଳ୍ପ ମାଧ୍ୟମରେ ଭୂମିହୀନ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ତଥା ଗ୍ରାମବାସୀଙ୍କୁ ନେଇ ଏକ ସହଭାଗିତା ମୂଳକ ଅଣୁଯୋଜନା ପ୍ରସ୍ତୁତ କରି ଜଳ, ଜମି, ଜଙ୍ଗଲ, ଜନ, ଜନ୍ତୁର ସଙ୍ଗେସଙ୍ଗେ ଜୀବିକାର ଉନ୍ନତିନିମନ୍ତେ ଏକ ପୂର୍ଣାଙ୍ଗ ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି ସେବକର ଅଧ୍ୟକ୍ଷ ଅମୀୟକାନ୍ତ ନାଏକ କହିଛନ୍ତି।



# ସ୍କୁଲ ଅବ୍ୟବସ୍ଥାର ପ୍ରତିବାଦରେ ବିଇଓ ଅଟକ



**ପୁରୁଷୋତ୍ତମପୁର, ୪।୧(ସମିସ):** ସ୍କୁଲର ଅବ୍ୟବସ୍ଥାରେ ସୁଧାର ଆସୁନଥିବାରୁ ବିଇଓଙ୍କୁ ପରିଚାଳନା କମିଟି ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ତେବେ ସେ ଶିକ୍ଷକ ନିଯୁକ୍ତ ନିର୍ଦ୍ଦେଶ ଦେବା ପରେ ଲୋକେ ତାଙ୍କୁ ଛାଡ଼ିଥିଲେ। ପୁରୁଷୋତ୍ତମପୁର ସହରସ୍ଥିତ ପୂର୍ବତନ ଜିଲ୍ଲା ବୋର୍ଡ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଏଭଳି ଘଟଣା ଘଟିଥିଲା। ଗୁରୁବାର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ସ୍କୁଲର ବିଭିନ୍ନ ସମାସ୍ୟା ନେଇ ପୂର୍ବରୁ ଅନେକ ଥର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଯାହା ଫଳରେ ବିଇଓ କିଶୋର ଚନ୍ଦ୍ର ବେହେରାଙ୍କୁ ପରିଚାଳନା କମିଟି ସଦସ୍ୟ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଅଭିଭାବକ, କାଉନସିଲର, ପରିଚାଳନା କମିଟିର ସଦସ୍ୟଙ୍କ ଅଭିଯୋଗ ହେଲା, ସ୍ଥାନୀୟ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ବର୍ଷେ ହେଲା ବଦଳି କରାଯାଇଛି। ହେଲେ ସେହି ସ୍ଥାନରେ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କୁ ନଦେବା ଫଳରେ ଛାତ୍ରଛାତ୍ରୀ ପାଠପଢ଼ା ସହ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଗତ ମଙ୍ଗଳବାର ଶିକ୍ଷକ ହରପ୍ରସାଦ ଦାସଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଥିବା ବେଳେ କିଛି ରେକର୍ଡପତ୍ର ହସ୍ତାନ୍ତର କରାଯାଇନାହିଁ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ୨୪୦ ଜଣ ଛାତ୍ରଛାତ୍ରୀଙ୍କୁ ୮ ଜଣ ଶିକ୍ଷକଙ୍କ ପରିବର୍ତ୍ତେ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢ଼ାଉଛନ୍ତି। ୪ ଜଣଙ୍କ ମଧ୍ୟରୁ ୩ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଆସନ୍ତା ୯ ତାରିଖରେ ଆଦର୍ଶ ସ୍କୁଲର ପ୍ରବେଶିକା ପରୀକ୍ଷା ରହିଛି ଯାହାକୁ ନେଇ ଏବେ ଚିନ୍ତାରେ ଅଭିଭାବକ। ଶିକ୍ଷକ ଅଭାବ, ପ୍ରଧାନ ଶିକ୍ଷକ ଛୁଟିରେ ଯାଉଥିବା ଖବର ପାଇ ପରିଚାଳନା କମିଟି ସଭାପତି ଭଗବାନ ବେହେରା, ସଦସ୍ୟ ଅରୁଣ ଗୌଡ଼, ମିଟୁ ବେହେରା, ସୁକାନ୍ତି ବେହେରା, କାଉନସିଲର ଭାସ୍କର ବେହେରା, ସୁଦେଷ୍ଣା ବେହେରା, ସୁଜାତା ବେହେରାଙ୍କ ସମେତ ଅଭିଭାବକମାନେ ବିଇଓଙ୍କୁ ଅଟକ ରଖି ତୁରନ୍ତ ଶିକ୍ଷକ ଦେବା ପାଇଁ ଦାବି କରିଥିଲେ। ଜଣେ ଶିକ୍ଷକଙ୍କୁ ଅର୍ଡର କରିବା ପରେ ବିଇଓଙ୍କୁ ଛାଡ଼ିଥିଲେ।

## କବାଡ଼ି ଖେଳକୁ ନେଇ ଗଣ୍ଡଗୋଳ; ୩ ଆହତ

**ଖଲ୍ଲିକୋଟ, ୪।୧(ସମିସ):** କବାଡ଼ି ଖେଳ ଚାଲିଥିବାବେଳେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଛି। ଖେଳାଳି ମାନେ ନିଜ ନିଜ ମଧ୍ୟରେ ମାରପିଟ୍ କରିବାରୁ ତିନି ଜଣ ଖେଳାଳି ଆହତ ହୋଇଥିଲେ। ସେମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖଲ୍ଲିକୋଟ ମିନି ଷ୍ଟାଡିୟମ ମଦୁଆଙ୍କ ଆ‡ାସ୍ଥଳୀ ପାଲଟି ଥିବାବେଳେ ପଡ଼ିଆ ସାରା ଭଙ୍ଗା ମଦ କାଚରେ ଭର୍ତ୍ତି। ପଡ଼ିଆ ଏବଂ ଟ୍ରାକଗୁଡ଼ିକ ପରିଷ୍କାର କରି ନ ଥିବାରୁ ଏହା ଖେଳ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ବୋଲି ଖେଳାଳିମାନେ ଅଭିଯୋଗ କରିଛନ୍ତି। ଖାଇବା ମଧ୍ୟ ନିମ୍ନମାନର। ଗ୍ଲୁକୋଜ ତ ଦୂରର କଥା ପିଇବା ପାଣିର ବ୍ୟବସ୍ଥା ମଧ୍ୟ ବ୍ଲକ ପ୍ରଶାସନ କରି ନ ଥିବା ଖେଳାଳିମାନେ ଅଭିଯୋଗ କରିଛନ୍ତି।

### ● ଖାକି ପୋଷାକରେ ଅପରାଧର ଦାଗ

# ୧୩ ବର୍ଷରେ ୩୦ ପୁଲିସ ଗିରଫ

**ବ୍ରହ୍ମପୁର, ୪।୧(ସମିସ)**

ପୁଲିସ କର୍ମଚାରୀ ହେଉଛନ୍ତି ଆଇନର ରକ୍ଷକ। ତେବେ ବିଭିନ୍ନ ସମୟରେ ଖୋଦ କେତେକ ଆଇନର ରକ୍ଷକ ଆଇନର ଖିଲାପ କରି ଭକ୍ଷକ ସାଜୁଥିବା ନଜିର ରହିଛି। ଯେଉଁଥିପାଇଁ ପୁଲିସ ବିଭାଗ ବଦନାମ ହେବା ସହ ଖାକିରେ ଦାଗ ଲାଗୁଥିବା ନେଇ ଚର୍ଚ୍ଚା ହେଉଛି। କିଛି ପୁଲିସ କର୍ମଚାରୀଙ୍କ ନାମରେ ସମ୍ପର୍କ ରଖି ନିଜ କାର୍ଯ୍ୟରେ ଅବହେଳା କରିଛନ୍ତି। ସେମାନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ନିଲମ୍ବନ ମଧ୍ୟ କରାଯାଇଛି। ସେହିପରି ଏକାଧିକ ପୁଲିସ କର୍ମଚାରୀ ଓ ଅଧିକାରୀଙ୍କ ନାମରେ ବହୁ ଥାନାରେ ନିର୍ଯାତନା ଓ ଅପରାଧୀକ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ଅନେକ ଥାନାରୁ ଧାରା ୪୧ରେ ବ୍ୟକ୍ତିଗତ ମୁଚାଲିକାରେ ଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାପ୍ରକାରେ, ବ୍ରହ୍ମପୁର

**୪୧ ଧାରାରେ ମୁକୁଳିଛନ୍ତି ବହୁ ପୁଲିସ କର୍ମଚାରୀ**

**ଦୁଷ୍କର୍ମ ଓ ନିର୍ଯାତନା ମାମଲାରେ ସମ୍ପୃକ୍ତ ଅନେକ ପୁଲିସ କର୍ମଚାରୀ**

ପୁଲିସ ଜିଲ୍ଲାରେ କାର୍ଯ୍ୟରତ କେତେକ ପୁଲିସ କର୍ମଚାରୀ ଓ ଅଧିକାରୀ ବିଭିନ୍ନ ସମୟରେ ଅପରାଧରେ ସମ୍ପୃକ୍ତ ରହିଛନ୍ତି। ଆଉ ନିଜ ବିଭାଗର ତଦନ୍ତ ଅଧିକାରୀଙ୍କ ଦ୍ୱାରା ଗିରଫ ହୋଇ ଜେଲ୍ ମଧ୍ୟ ଯାଇଛନ୍ତି। ବିଭାଗୀୟ ତଥ୍ୟ ପ୍ରକାରେ ୨୦୧୦ରୁ ୨୦୨୩ ମସିହା ମଧ୍ୟରେ ୧୩ ବର୍ଷରେ ମୋଟ ୩୦ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ଗିରଫ ହୋଇ ଜେଲ୍ ଯାଇଛନ୍ତି। ଏହି ୩୦ଜଣଙ୍କ ମଧ୍ୟରେ ୩ ଜଣ ଇନ୍ସପେକ୍ଟର, ୧୬ଜଣ କନଷ୍ଟେବଲ, ୪ଜଣ ଏଏସଆଇ, ଜଣେ ଡିଆର ଏବଂ ଜଣେ ବରିଷ୍ଠ କିରାଣୀ ରହିଛନ୍ତି। କିଏ ନିଜ



ପତ୍ନୀଙ୍କୁ ଯୌତୁକ ନିର୍ଯାତନା ଦେଇ ଗିରଫ ହୋଇଛି ତ ଆଉ କିଏ ଯୁବତୀଙ୍କୁ ବିବାହର ପ୍ରତିଶୃତି ଦେଇ ଦୁଷ୍କର୍ମ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଆଉ କିଛି ପକ୍ସୋ ଆକ୍ଟରେ ଗିରଫ ହୋଇ ଜେଲ୍ ଯାଇଛନ୍ତି। ସେହିପରି କିଛି ପୁଲିସ କର୍ମଚାରୀ ବେଆଇନ ଖାଦ୍ୟପଦାର୍ଥ ପ୍ରସ୍ତୁତିରେ ମଧ୍ୟ ସମ୍ପୃକ୍ତ ଥାଇ ଗିରଫ ହୋଇଛନ୍ତି। ମହିଳାଙ୍କୁ ଅସଦାଚରଣ କରିବା, ଲୋକଙ୍କ ଟଙ୍କା ଠକି ନେବା, ନକଲି କାଗଜପତ୍ର ପ୍ରସ୍ତୁତ କରିବା, ଲାଞ୍ଚ ନେବା ଭଳି ବିଭିନ୍ନ ଅପରାଧରେ ଦୁଷ୍କର୍ମ ମାମଲା ରହିଥିବା ବେଳେ ଆଉ କିଛିଜଣଙ୍କ ନାମରେ ପକ୍ସୋ ଆକ୍ଟ ତ ଆଉ କିଛିଜଣଙ୍କ ନାମରେ ଯୌତୁକ ନିର୍ଯାତନା, ମାନସିକ ନିର୍ଯାତନା ଭଳି ବିଭିନ୍ନ ସଂଗୀନ ଦଫା ଲାଗିଛି। ବିଗତ ୧୩ବର୍ଷ ମଧ୍ୟରେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ହୋଇ ବ୍ରହ୍ମପୁର ପୁଲିସ ଜିଲ୍ଲାର ୩୦ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ଗିରଫ ହୋଇଛନ୍ତି। ଆଉ କିଛି ପୁଲିସ କର୍ମଚାରୀ ବାଲିମାଫିଆଙ୍କ ସହ ସାମିଲ ହୋଇ ଏହି ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଗିରଫ ହୋଇଛନ୍ତି। ଯେଉଁ ପୁଲିସ ଅଧିକାରୀ ଓ କର୍ମଚାରୀ ଲୋକଙ୍କୁ ସୁରକ୍ଷା ଦେଉଛନ୍ତି ସେମାନେ ନିଜେ କିଭଳି ଅନ୍ୟକୁ ନିର୍ଯାତନା, ଅସଦାଚରଣ ଓ ଆକ୍ରମଣ କରୁଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ସେହିପରି ନକଲି କାରଖାନାରେ ଚଢ଼ଉ କରୁଥିବା ପୁଲିସ ନିଜେ ନକଲି ଖାଦ୍ୟପଦାର୍ଥ ଓ କାଗଜପତ୍ର ପ୍ରସ୍ତୁତ କରିବା ଭଳି ଅପରାଧରେ ଜଡ଼ିତ ରହିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଭଳି ଅପରାଧୀକ କାର୍ଯ୍ୟରେ ଲିପ୍ତ ଥିବା ପୁଲିସ ବାବୁ ଓ କର୍ମଚାରୀଙ୍କ ମଧ୍ୟରେ ବିଭାଗୀୟ ତଥା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିକଟରେ ଜନୈକ ପୁଲିସ କନେଷ୍ଟବଲ ବାଲି ମାଫିଆଙ୍କ ସହ ମଧୁର ସମ୍ପର୍କ ରଖିବା ସହ ନିଜ କାର୍ଯ୍ୟରେ ଅବହେଳା ଯୋଗୁଁ ବ୍ରହ୍ମପୁର ଏସ୍‌ପି ତାଙ୍କୁ ନିଲମ୍ବିତ କରିଛନ୍ତି। ନୂଆବର୍ଷ ଆରମ୍ଭ ହୋଇଛି। ସମସ୍ତ ଅଧିକାରୀ ଓ ପୁଲିସ କର୍ମଚାରୀମାନେ ଏଦିଗରେ ସଚେତନ ରହି ଦାୟିତ୍ୱ ତୁଲାଇବାକୁ ବୃଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ବୈଷୟିକ ଶିକ୍ଷା ଓ ତାଲିମ ପରାମର୍ଶ ମେଳା




**ଗଞ୍ଜାମ, ୪।୧(ସମିସ):** ଗଞ୍ଜାମ ବ୍ଲକସ୍ତରୀୟ ବୈଷୟିକ ଶିକ୍ଷା ଓ ତାଲିମ ନିମନ୍ତେ ପରାମର୍ଶ ମେଳା ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି ଯେ, ବର୍ତ୍ତମାନ ପୂର୍ବ ଭାରତର ଟେକ୍ନିକାଲ ହବ ହେବାକୁ ଯାଉଛି ଓଡ଼ିଶା। ଏଣୁ ସମସ୍ତେ ଏହାର ସୁବିଧା ସୁଯୋଗ ନେଇ ନିଜର ଦକ୍ଷତାକୁ ପ୍ରତିପାଦନ କରନ୍ତୁ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଅତିରିକ୍ତ ବ୍ଲକ ଗୋଷ୍ଠୀ ଅଧିକାରୀ ଭବାନୀ ଶଙ୍କର ପ୍ରଧାନ, ୟଙ୍ଗ ପ୍ରଫେସନାଲ ଜିତେନ୍ଦ୍ର ଉପାଧ୍ୟାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ୧୮୭ ଯୁବକ ଯୁବତୀ ନାମ ପଞ୍ଜିକରଣ କରିଥିଲେ। ବିପିଏମ ଜଳନ୍ଧର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଦୈତାରୀ ପ୍ରତିଭା ସମ୍ମାନ ସମ୍ବର୍ଦ୍ଧନା ସମାରୋହ



**ଗଞ୍ଜାମ, ୪।୧(ସମିସ):** ପୂର୍ବତନ ବିଧାୟକ ସ୍ୱର୍ଗତ ଦୈତାରୀ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଦୈତାରୀ ପ୍ରତିଭା ସମ୍ମାନ ସମର୍ଦ୍ଧନା ସମାରୋହ ନିଜ ମାତୃଭୂମି ସୁବଳୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦୈତାରୀ ବେହେରା ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସମାରୋହରେ ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ପୂର୍ବତନ ରମ୍ଭା ଏନଏସି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ ତଥା ପ୍ରଫେସର ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଖଲ୍ଲିକୋଟ ବନାଞ୍ଚଳ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସାହୁ, ଆଇଏସଆରଡି ଡାଇରେକ୍ଟର ସୁଧିର କୁମାର ସାବତ, ସୁବଳୟା କଲେଜ ପ୍ରିନ୍ସପାଲ ସି.ଏଚ ସୁଧାକର, ସମାଜସେବୀ ମହେଶ୍ୱର ବରାଡ଼, ରମ୍ଭା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଭିମନ୍ୟୁ ସାହୁ, ଶିକ୍ଷାବିତ ବାଳକୃଷ୍ଣ ମହାରଣା, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ଗୋଲକ ଚନ୍ଦ୍ର ପଲାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏ ଅବସରସରେ ଶିକ୍ଷାବିତ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ଦୈତାରୀ ପ୍ରତିଭା ସମ୍ମାନରେ ସମର୍ଦ୍ଧିତ କରାଯାଇଥିଲା। ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ପରିଷଦର ସମ୍ପାଦକ ବିଜୟ ବିଶ୍ୱାଳ ଅତିଥି ପରିଚୟ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ।

## ବ୍ଲକ୍ ଅଫିସରେ ତାଲା ପକାଇଲେ ଜନପ୍ରତିନିଧି



**ପାତ୍ରପୁର, ୪।୧(ସମିସ):** ପାତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଗୁରୁବାର ଅପରାହ୍ନରେ ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ପ୍ରକାରେ ଗୁରୁବାର ମଧ୍ୟାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ସୂଚନା ପ୍ରକାରରେ ଜନ ପ୍ରତିନିଧିମାନେ ଉପସ୍ଥିତ ହେବା ସହ ବୈଠକ ଆରମ୍ଭ ହୋଇଥିଲା। କୌଣସି ବିଷୟକୁ ନେଇ ପ୍ରଶାସନ ଓ ଜନ ପ୍ରତିନିଧି ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏହି ସମୟରେ ବିଡିଓ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ହଠାତ୍ ସଭା ଛାଡ଼ି ପଳେଇଥିବା ନେଇ ପ୍ରତିନିଧିମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ କିଛି ପଞ୍ଚାୟତର ଜନ ପ୍ରତିନିଧିମାନେ ଏକାଠି ହୋଇ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଖବର ପାଇ ଜରଡ଼ା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଜନ ପ୍ରତିନିଧି ମାନଙ୍କୁ ବୁଝାସୁଝା କରିବାରୁ ତାଲା ଖୋଲିବା ସହ କର୍ମଚାରୀମାନଙ୍କୁ ଛାଡିଥିଲେ। ଖବର ଲେଖିବା ଯାଏଁ ଧାରଣା ଜାରି ରହିଥିଲା। ଧାରଣାସ୍ଥଳରେ ବ୍ଲକ ଅଧ୍ୟକ୍ଷା ୱାଇ. ସଂଯୁକ୍ତା, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ବରଙ୍ଗ ସରପଞ୍ଚ ଭି. ଦେବୀ ପ୍ରସାଦ, ସଦାନନ୍ଦ ନାୟକ, ବାଲାଜୀ ପାଢ଼ିଙ୍କ ସମେତ ଅନ୍ୟ ଜନ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ସମସ୍ୟା ଘେରରେ ଉପଖଣ୍ଡ ଡାକ୍ତରଖାନା

**ଭଞ୍ଜନଗର, ୪।୧(ସମିସ):** ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ ସମସ୍ୟା ଘେରରେ ରହିଛି। ଏସମ୍ପର୍କରେ ଆଲୋଚନା ପାଇଁ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲ ଅଧିକ୍ଷକ ଡା. ସୀତାଂଶୁ ଶେଖର ଶତପଥୀ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ସିଡିପିଓ ବିଷ୍ଣୁପ୍ରିୟା ସେଠୀ, ଡା. ପ୍ରଣବାନନ୍ଦ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ମେଡିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ବର୍ତ୍ତମାନ ଭଞ୍ଜନଗର ଡାକ୍ତରଖାନାରେ ୩୮ ଜଣ ଡାକ୍ତରଙ୍କ ବଦଳରେ ମାତ୍ର ୧୦ଜଣଙ୍କୁ ନେଇ ରୋଗୀସେବା ଚାଲିଛି। ସେହିପରି ବିଭିନ୍ନ ବିଭାଗରେ ବିଶେଷଜ୍ଞ, ଡାକ୍ତର, ନର୍ସ, ଅନ୍ୟାନ୍ୟ କର୍ମଚାରୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦ ଖାଲିପଡ଼ିଛି। ରୋଗୀଙ୍କ ସଂଖ୍ୟା ଦେଖି ଉପଯୁକ୍ତ ସେବା ପାଇଁ ଏଠାରେ ୩ଟି ଆମ୍ବୁଲାନ୍ସ ଥିବା ବେଳେ କେବଳ ଜଣେ ମାତ୍ର ଡ୍ରାଇଭର ଅଛନ୍ତି। ଦୀର୍ଘଦିନ ଧରି ମୋ ହସ୍ପିଟାଲ ରୂପାନ୍ତରଣ କାର୍ଯ୍ୟ ଶେଷ ହୋଇ ନଥିବାରୁ ରୋଗୀସେବା



**ରୋଗୀ କଲ୍ୟାଣ ସମିତି ବୈଠକ**

ବାଧାପ୍ରାପ୍ତ ହୋଇଛି। ସେହିଭଳି ମେଡ଼ିକାଲ ନିକଟରେ ଦୀର୍ଘଦିନ ଧରି ଏକ ଔଷଧ ଦୋକାନ ବନ୍ଦ ହୋଇ ରହିବା ଫଳରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ତାହାକୁ ହଟାଇବା ଉପରେ ମତ ପ୍ରକାଶ ପାଇଥିଲା। ଭଞ୍ଜନଗର ରକ୍ତଭଣ୍ଡାର, ଏଆରଟି ସେଣ୍ଟର ଓ ପୋଷ୍ଟମର୍ଟମ ପାଇଁ ସ୍ଥାନର ଅଭାବ ଥିବାରୁ ଆଉ କେତେକ ନୂତନ କୋଠରୀର ଆବଶ୍ୟକତା ରହିଛି। ରକ୍ତ ଭଣ୍ଡାରରେ ରକ୍ତ ଗଛିତ ରଖିବା ପାଇଁ ଆଉ ଏକ ଫ୍ରିଜରର ଆବଶ୍ୟକତା ଥିବା ଜଣାପଡ଼ିଛି। ମେଡ଼ିକାଲ ପରିସରରେ ସୋଲାର ଲାଇଟ ଲଗେଇବା ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ମେଡ଼ିକାଲ ପକ୍ଷରୁ ଏସବୁ ସମସ୍ୟାର ସମାଧାନ ଉପରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାୟାକଳ୍ପରେ ଉଲ୍ଲେଖନୀୟ ଅବଦାନ ସକାଶେ ସୁରେନ୍ଦ୍ର ମହାପାତ୍ର, ଦେବବ୍ରତ ନାୟକ, ନାରାୟଣ ବେହେରା ଓ ସାନ୍ତା କୁମାରୀ ପତିଙ୍କୁ ପୁରସ୍କୃତ କରାଯାଇଛି। ଏଥିରେ ରୋଗୀ କଲ୍ୟାଣ ସମିତି ସଦସ୍ୟଙ୍କ ସମେତ ବିଭିନ୍ନ ସରକାରୀ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଢୋଲିଆ ମହାସଂଘର ବୈଠକ



**ବ୍ରହ୍ମପୁର, ୪।୧(ସମିସ):** ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପରେ ଗୁରୁବାର ମା' ଦଣ୍ଡକାଳୀ ଢୋଲିଆ ମହାସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେ. ରବି କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାପି କୁମାର ପଣ୍ଡା ଏବଂ ଧିରେନ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଢୋଲିଆମାନଙ୍କ ବିଭିନ୍ନ ସମସ୍ୟାର ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ମହାସଂଘର ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି କ୍ରମେ ଲୋକନାଥ ସାମନ୍ତରାଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ସଂଘର ନୂତନ ସଭାପତିଙ୍କୁ ଢୋଲିଆମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ବୈଠକରେ ଢୋଲିଆ ମିଟୁ ନାୟକ, ସିମା ଜେନା, ଖଲି ଦାସ, ଜେ.ଶ୍ରୀନୁ, ଜଗା ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ସାହୁ, ରୋଶନ ମାହାଙ୍କୁଡ, ସୁଦାମ ସାମଲଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ୬୦୩ ହିତାଧିକାରୀଙ୍କୁ ଘରବାରି ପଟ୍ଟା ବଣ୍ଟନ



**ବେଲଗୁଣ୍ଠା, ୪।୧(ସମିସ):** ପୂର୍ବରୁ ଘର ପଟ୍ଟାଟିଏ ପାଇଁ ହିତାଧିକାରୀଟିଏ ବାରମ୍ବାର ତହସିଲ୍ କାର୍ଯ୍ୟାଳୟକୁ ଦୌଡ଼ି ନୟାନ୍ତ ହୋଇପଡୁଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା କ୍ରମେ ପଟ୍ଟା ବଣ୍ଟନ ମେଳା ମାଧ୍ୟମରେ ହିତାଧିକାରୀଙ୍କୁ ଗ୍ରାମ କଣ୍ଟକ ପଟ୍ଟାକୁ ପରିବର୍ତ୍ତନ କରି ଘରବାରି ପଟା ବଣ୍ଟନ କରାଯାଇ ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହି ପ୍ରରିପ୍ରେକ୍ଷୀରେ ଆଜି ବେଲଗୁଣ୍ଠା ବ୍ଲକ ପଡ଼ିଆଠାରେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୬୦୩ ହିତାଧିକାରୀଙ୍କୁ ଘରବାରି ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ହିତାଧୀକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ବେଲଗୁଣ୍ଠା ନଗରପାଳ ଫିରୋଜ କୁମାର ସେଠୀ, ଉପାଧ୍ୟକ୍ଷା ଟି ବବିତା କୁମାରୀ, ବ୍ଲକ ଉପାଧ୍ୟକ୍ଷା ପ୍ରମିଳା ପ୍ରଧାନ, ବଡ଼ବୋର୍ସିଂ ସରପଞ୍ଚ ଏସ୍ ରାମେଶ୍ୱର ପାତ୍ର, ବେଣୀପଲ୍ଲୀ ସରପଞ୍ଚ ଦୁର୍ଗାମାଧବ ନାୟକ, ପାଇଲିପଡ଼ା ସରପଞ୍ଚ ଜୟରାମ ନାୟକ, ଉଡୁରା ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ତନରଡା ସମିତିସଭ୍ୟ ଆଯୋଧ୍ୟା ନାଥ ବେହେରା, ସମିତିସଭ୍ୟ ପ୍ରତିନିଧି ସୀମାଞ୍ଚଳ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିଥିଲେ।

ଏଥିରେ ରାଜସ୍ୱ ସୁପରଭାଇଜର କଂଗ୍ରେସ୍ ମଲ୍ଲିକ୍, ରାଜସ୍ୱ ନୀରିକ୍ଷକ ଗୌରଚନ୍ଦ୍ର ସ୍ୱାଇଁ, ଗୀତାଞ୍ଜଳି ମଲ୍ଲିକ, ପ୍ରଦୀପ କୁମାର ଗୌଡ଼, ପ୍ରଦୀପ କୁମାର ଜେନା, କାହ୍ନୁ ସାହୁ, ସନ୍ତୋଷ କୁମାର ବେହେରା, ଜୁନିଅର୍ ଆସିଷ୍ଟାଣ୍ଟ ପ୍ରତାପ ଚନ୍ଦ୍ର ପ୍ରଧାନ, ରେକର୍ଡ଼ କିପର୍ ରବୀନ୍ଦ୍ର ନାଥ ମଲ୍ଲିକ, ଅମିନ୍ ରାମେଶ୍ୱରୀ ପ୍ରଧାନ ଓ କିରାନୀ ବିଷ୍ଣୁ ପ୍ରିୟା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ● ପାଣି ପଞ୍ଚାୟତ ପକ୍ଷ ପାଳନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ଅଣ ଧାନଚାଷ ପାଇଁ ପାଣି ପଞ୍ଚାୟତ ହେବେ ପୁରସ୍କୃତ

**ଛତ୍ରପୁର, ୪।୧(ସମିସ)**

ଗଞ୍ଜାମ ଜିଲ୍ଲା ପାଣି ପଞ୍ଚାୟତ ପକ୍ଷ ଚଳିତମାସ ୧୬ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମିତ୍ତ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ପରିଡ଼ା ସମସ୍ତ ଉପସ୍ଥିତ ଅଧିକାରୀମାନଙ୍କୁ ଏହି ପ୍ରସ୍ତୁତି ବୈଠକରେ ଅବଗତ କରାଇଥିଲେ ଯେ, ଗଞ୍ଜାମ ଜିଲ୍ଲାର ଚାଷ କାର୍ଯ୍ୟ ନିମନ୍ତେ ପାଣି ମୁଖ୍ୟ ସମସ୍ୟା। ଏଣୁ ଆଗାମୀ ୧୫ ବର୍ଷ ସକାଶେ ଚାଷ ଜମିକୁ କିଭଳି ଜଳ ଯୋଗାଣ ହୋଇପାରିବ ସେଥିସକାଶେ ଯୋଜନା କରି ଡିପିଆର୍ ପ୍ରସ୍ତୁତ କରିବାକୁ ଜଣାଇଥିଲେ। କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର କାର୍ଯ୍ୟ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଅର୍ଥାତ୍ ଫେବୃୟାରୀ ୧୫ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ କରି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶ୍ୱ ବ୍ୟାଙ୍କର ଅର୍ଥନୈତିକ ଆକଳନ ଅନୁଯାୟୀ କାର୍ଯ୍ୟ ଆରମ୍ଭ ପୂର୍ବରୁ ସ୍ଥିତି କ'ଣ ରହିଥିଲା



ଏବଂ ଯୋଜନା ପ୍ରସ୍ତୁତ କାର୍ଯ୍ୟକାରି ହେବା ପରେ କେଉଁ ସବୁ ଉନ୍ନତିକରଣ ହୋଇଛି ତାହା ଆକଳନ କରିବା ନେଇ ମତାମତ ଉପସ୍ଥାପନ କରିଥିଲେ। ଚାଷ ଜମିକୁ ଜଳ ଯୋଗାଣ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଥିଲେ। ଗଞ୍ଜାମ ଜିଲ୍ଲାରେ ଡିଭିଜନ୍ ସ୍ତରରେ ମୁଖ୍ୟ ଜଳସେଚନ ସ୍ତରରେ ବ୍ରହ୍ମପୁର, ଚିକିଟି ଏବଂ ଭଞ୍ଜନଗର ପାଳନ ହେବାକୁ ଥିବା ସ୍ଥଳେ କ୍ଷୁଦ୍ର ଜଳସେଚନ ଏମ୍.ଆଇ. ବ୍ରହ୍ମପୁର-୧, ଏମ୍.ଆଇ.-୨ ବ୍ରହ୍ମପୁର ଓ ଭଞ୍ଜନଗର ଏମ୍.ଆଇ. ଠାରେ ଡିଭିଜନ୍ ସ୍ତରରେ ପାଳିତ ହେବ। ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ମଧ୍ୟ ଏହି ପାଣି ପଞ୍ଚାୟତ ପକ୍ଷ ପାଳିତ ହେବ। ଚଳିତମାସ ୧୬ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ରଥ ପରିକ୍ରମା କରି ସଚେତନତା ସୃଷ୍ଟି କରାଯିବ। ଶ୍ରେଷ୍ଠ ପାଣି ପଞ୍ଚାୟତଚୟନ କରାଯାଇ ପୁରସ୍କୃତ କରାଯିବ। ଯେଉଁ ପାଣି ପଞ୍ଚାୟତରେ ନିର୍ବାଚନ ହୋଇଛି, ସେମାନେ ମଧ୍ୟ ପୁରସ୍କୃତ ହେବେ। ପାଣି ପଞ୍ଚାୟତ ପକ୍ଷ ନିମନ୍ତେ ବକ୍ତୃତା, ପ୍ରବନ୍ଧ ଲିଖନ, ସାଧାରଣଜ୍ଞାନ ଏବଂ ଆଧୁନିକ କୌଶଳ ପ୍ରଦର୍ଶନୀ ପ୍ରତିଯୋଗିତା ଆୟୋଜିତ ହେବ। ଧାନଚାଷ ପରିବର୍ତ୍ତେ ଅଣ ଧାନଚାଷ କରିଥିବା ପାଣି ପଞ୍ଚାୟତକୁ ପୁରସ୍କୃତ କରାଯିବ। ବିଶେଷ କରି ଅଣଧାନ ଚାଷ ଜଳ ସେଚନର ବ୍ୟବଧାନ ପରିଚାଳନା, କୃଷି ବିଭାଗ ଓ ଜଳ ସମ୍ପଦ ବିଭାଗର ଯୋଜନାକୁ ଆୟୁଧ ପ୍ରଣୟନ କରି ଯେଉଁ ପାଣି ପଞ୍ଚାୟତ କୃଷକ ମାନଙ୍କୁ ପ୍ରୋତ୍ସାହିତ କରିଛି, ସଚେତନତା ସୃଷ୍ଟି ଶିବିର ଆୟୋଜନ, ବଜାର ବିକ୍ରିବଟା ଦିଗରେ କାର୍ଯ୍ୟକରିଥିବା ପାଣି ପଞ୍ଚାୟତକୁ ଆକଳନ କରି ୧୦ହଜାର ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯିବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରେଷ୍ଠ ପାଣି ପଞ୍ଚାୟତକୁ ୫୦ ହଜାର ଅର୍ଥରାଶି ପ୍ରଦାନ କରାଯିବ। ବୈଠକରେ ବୃହତ୍ ଓ ମଧ୍ୟମ ଜଳସେଚନ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜଗନ୍ନାଥ ପାଣି, ଦକ୍ଷିଣ କ୍ଷୁଦ୍ର ଜଳ ସେଚନ ମଣ୍ଡଳ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଦେବ ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ମତ୍ସ୍ୟ. ପଶୁ ସମ୍ପଦ ଓ ଉଦ୍ୟାନ କୃଷି ବିଭାଗୀୟ ସମସ୍ତ ଅଧିକାରୀ ଓ କର୍ମଚାରୀଗଣ ଉପସ୍ଥିତ ଥିଲେ।

